୬

ଆଇସିସି ଟି୨୦ ମହିଳା ବିଶ୍ୱକପ୍
ପାକିସ୍ତାନକୁ ୬୪ ରନ୍‌ରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା, 8 Pages, ₹2.00

ବୃକ୍ଷେଣ୍ୟ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୩୩ ● ସଂଖ୍ୟା–୧୩୫ ● ୧୫ ଜୁନ ୨୦୨୬ ସୋମବାର ● ଭୁବନେଶ୍ୱର ● Vol -33 ● Issue-135 ● 15th June 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

E-mail : sambadkalikanews@gmail.com




## ଡିଜିଟାଲ୍ ଯୁଗରେ ପ୍ରଯୁକ୍ତିବିଦ୍ୟା ବିପ୍ଳବ ମାନବଜାତି ପାଇଁ ନୂତନ ସୁଯୋଗ

**ନୂଆଦିଲ୍ଲୀ,୧୪।୬**

ନାଇସ୍ ସହରସ୍ଥିତ ପାଲାଇସ୍ ଡେସ୍ ଏକ୍ସପୋଜିସନ୍ସରେ 'ଭାରତ ଇନୋଭେଟ୍ସ ୨୦୨୬'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ରବିବାର ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ତିନି ଦିନିଆ କାର୍ଯ୍ୟକ୍ରମ ଭାରତର ଡିପ୍-ଟେକ୍ ଷ୍ଟାର୍ଟ-ଅପ୍ସ, ନବ ସୃଜନକାରୀ, ଗବେଷକ ଏବଂ ନିବେଶକ ମାନଙ୍କୁ ବିଶ୍ୱ ନବସୃଜନ ପାଣ୍ଠି ଏବଂ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ଏହା ବିଶ୍ୱ ସ୍ତରରେ ଭାରତର ଅଗ୍ରଣୀ ଡିପ୍-ଟେକ୍‌ର ପ୍ରଦର୍ଶନ କରିଥାଏ। ୧୩ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି କ୍ଷେତ୍ରରେ ୧୨୦ ଉନ୍ନତ ଷ୍ଟାର୍ଟଅପ୍, ୨୦ରୁ ଅଧିକ ଉତ୍କର୍ଷ ପ୍ରତିଷ୍ଠାନର ଉପସ୍ଥାପିତ କରିଥାଏ। ବିଶ୍ୱର ୩୫୦ରୁ ଅଧିକ ଶ୍ରେଷ୍ଠ ନିବେଶକ ଏବଂ ଭେଞ୍ଚର କ୍ୟାପିଟାଲିଷ୍ଟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି।



ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରୋନ୍ ଆୟୋଜିତ ସମାବେଶକୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତ ଏବଂ ଫ୍ରାନ୍ସ ଉଭୟ ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଦୃଢ଼ ଅଂଶୀଦାର ଭାବରେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ, ସେ ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ଭାରତ-ଫ୍ରାନ୍ସ ମିଳିତ ପଦକ୍ଷେପ, ଏବଂ କୃତ୍ରିମ ବୁଦ୍ଧିମତ୍ତା, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସ୍ଥିରତା ଓ ସୁରକ୍ଷା ପ୍ରୋତ୍ସାହନ କ୍ଷେତ୍ରରେ ଆଲୋକପାତ କରିଥିଲେ। ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଶ୍ୱ କଲ୍ୟାଣ ପାଇଁ କାମ କରିବା ନିମନ୍ତେ ଉଭୟ ଦେଶର ମିଳିତ ସଂକଳ୍ପରେ 'ଭାରତ ଇନୋଭେଟ୍ସ' ଆଉ ଏକ ମାଇଲଖୁଣ୍ଟ। ଭାରତରେ ଷ୍ଟାର୍ଟ-ଅପ୍ ବିପ୍ଳବକୁ ଉଲ୍ଲେଖ କରି ସେ ଗ୍ରାମୀଣ ବିକାଶ ପାଇଁ ଏଆଇ ଏବଂ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନଶୀଳ ସମ୍ଭାବନା, ସ୍ଥାୟୀ ଜୀବନ-ଯାପନ ପାଇଁ ଉନ୍ନତ ଉତ୍ପାଦନ ଏବଂ ସ୍ୱଚ୍ଛ ବିକାଶ ପାଇଁ ସବୁଜ ହାଇଡ୍ରୋଜେନ୍, ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ଏବଂ ବୈଦ୍ୟୁତିକ ଗତିଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଡିଜିଟାଲ୍ ଯୁଗରେ ଚାଲିଥିବା ପ୍ରଯୁକ୍ତିବିଦ୍ୟା ବିପ୍ଳବ ମାନବଜାତି ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ, ସେ 'ଭାରତ ଇନୋଭେଟ୍ସ'ରେ ଏକତ୍ରିତ ହୋଇଥିବା ଉଦ୍ଭାବକ, ନିବେଶକ ଏବଂ ଉଦ୍ୟୋଗୀ ମାନଙ୍କୁ ଏପରି ପ୍ରଯୁକ୍ତିବିଦ୍ୟା ବିକଶିତ କରିବାକୁ ଆହ୍ୱାନ କରିଥିଲେ ଯାହା ନିର୍ଭରଯୋଗ୍ୟ, ସମାବେଶୀ ଏବଂ ମାନବ-କେନ୍ଦ୍ରିକ ହୋଇଥିବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଷ୍ଟାର୍ଟ-ଅପ୍‌ଗୁଡ଼ିକୁ କେବଳ ସେମାନଙ୍କର ବଜାର ମୂଲ୍ୟାଙ୍କନ ଦ୍ୱାରା ନୁହେଁ, ବରଂ ମାନବ *(ପୃଷ୍ଠା ୭ରେ)*

### ଓମାନ ସମୁଦ୍ରରେ ବୁଡ଼ିଲା ଭାରତୀୟ ଜାହାଜ

## ୧୪ ଜଣଙ୍କୁ ଉଦ୍ଧାର କଲେ ଆମେରିକା ଓ ଭାରତୀୟ ନୌସେନା

**ନୂଆଦିଲ୍ଲୀ,୧୪।୬**

ମଧ୍ୟ ପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଓମାନ ଉପକୂଳରେ ବୁଡିଲା 'ଏମଏସ୍‌ଭି ବିରାଟ ୧' ନାମକ ଏକ ଭାରତୀୟ ଜାହାଜ। ଏଥିରେ ୧୪ ଜଣ ଭାରତୀୟ କ୍ରୁ-ସଦସ୍ୟ ଥିଲେ, ଯାହାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଜାହାଜ ବୁଡିବା ଖବର ପାଇବା ପରେ ଆମେରିକୀୟ ନୌସେନା ଜରୁରୀକାଳୀନ ସ୍ଥିତି ବିଷୟରେ ଉପକୂଳ କର୍ତ୍ତୃପକ୍ଷ ଏବଂ ଭାରତୀୟ ନୌସେନାକୁ ସୂଚନା ଦେଇଥିଲା, ଯାହା ପରେ ସମସ୍ତ ଏଜେନ୍ସି ସତର୍କ ହୋଇଯାଇଥିଲା ଏବଂ ସମସ୍ତ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା। ଆମେରିକା ନୌସେନା ଏବଂ ଭାରତୀୟ ନୌସେନା ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଭାରତୀୟ ନୌସେନା ପକ୍ଷରୁ ଏକ ବାଣିଜ୍ୟ ଜାହାଜ ସାହାଯ୍ୟରେ ବଡ ସ୍ତରରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ସୂଚନା ଅନୁସାରେ, ଡଙ୍ଗା ଓମାନର ରସ୍ ଅଲ୍ ସମୁଦ୍ରଠାରୁ ପ୍ରାୟ ୮୦ ମାଇଲ ପୂର୍ବରେ ବୁଡି ଯାଇଥିଲା। ଏହାପରେ ତୁରନ୍ତ ଉଦ୍ଧାର



ଅଭିଯାନ ଆରମ୍ଭ କରାଯାଇଥିଲା।

ସରକାରୀ ସୂତ୍ର ଅନୁସାରେ, ଆମେରିକା ନୌସେନାକୁ ରବିବାର ସକାଳେ ଏହି ଅଘଟଣ ସମ୍ପର୍କରେ ସୂଚନା ମିଳିଥିଲା। ଏହାପରେ ଆମେରିକା ନୌସେନା ଉପକୂଳବର୍ତ୍ତୀ ଅଧିକାରୀମାନେ ଭାରତୀୟ ନୌସେନାକୁ ସତର୍କ ସୂଚନା ଦେଇଥିଲା। ଯାହାଫଳରେ ଠିକ୍ ସମୟରେ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ସୂଚନା ଅନୁସାରେ, ଆମେରିକା ନୌସେନା ପି-୮ ବିମାନ ଘଟଣାସ୍ଥଳରେ ପହଁଞ୍ଚି ସମୁଦ୍ରରେ ଏକ ଲାଇଫ୍ ରାଫ୍ଟ (ଜୀବନ ରକ୍ଷକ ଡଙ୍ଗା) ତଳକୁ ପକାଇଥିଲା ଓ ପୁରା ରେସକ୍ୟୁ ଅପରେସନ୍ କରିଥିଲା। ଜାହାଜ ବୁଡିବା ସ୍ଥିତି ପରେ ଏଥିରେ ଥିବା ଯାତ୍ରୀ ଲାଇଫ୍ ରାଫ୍ଟରେ ପହଁଞ୍ଚି ଯାଇଥିଲେ।

ଉଦ୍ଧାର ଅଭିଯାନ ସମୟରେ ସେହି ବାଟ ଦେଇ ଯାଉଥିବା ସେଣ୍ଟ କିଟସ୍ ଆଣ୍ଡ ନୋଭିସ୍‌ର ପତାକା ଥିବା ବାଣିଜ୍ୟ ଜାହାଜ 'ଏମ୍‌ଭି ଜାବଲ ଅଲ୍ଲୀ ୯' *(ପୃଷ୍ଠା ୭ରେ)*

### ଆଜିର ମୁଖ୍ୟ ଖବର

- ଟ୍ରେନ୍‌ରେ ନିଆଁ ଲାଗିଯିବା ଗୁଜବ ପରେ ଚଳନ୍ତା ଗାଡ଼ିରୁ ଡେଇଁଲେ ଯାତ୍ରୀ ! ଏହି ସମୟରେ ପିଟିଦେଲା ଅନ୍ୟ ଏକ ଟ୍ରେନ, ୪ମୃତ।
- ଭୁବନେଶ୍ୱରର ଜୟଦେବ ଭବନ ପରିସରରୁ ଚନ୍ଦନ ଗଛ ଚୋରି ଘଟଣା ଚିନ୍ତା ବଢ଼ାଇଲା।
- ଭଦ୍ରକ ଜିଲ୍ଲାରେ ଜଣେ ବ୍ୟକ୍ତି ନିଜ ମାଆଙ୍କୁ ହତ୍ୟା କରିଥିବା ଘଟଣାରେ ଅଞ୍ଚଳରେ ଚାଞ୍ଚଲ୍ୟ।
- ପୁରୀ ଜିଲ୍ଲାର ବ୍ରହ୍ମଗିରି ଅଞ୍ଚଳରେ ଅଗ୍ନିକାଣ୍ଡରେ ପାଞ୍ଚ ପରିବାର ବାସହୀନ।
- ଛତିଶଗଡ଼ରେ ବିପୁଳ ଗଞ୍ଜେଇ ଜବତ : ୨ ଗିରଫ।
- ମାଲକାନଗିରି ସୀମାନ୍ତ ଜଙ୍ଗଲରୁ ୮ଟି ମାଓ ଡମ୍ପ ଉଦ୍ଧାର।

## ବଜ୍ରାଘାତରେ ଚାଲିଗଲା ୬ ଜୀବନ

**ଭୁବନେଶ୍ୱର,୧୪।୬**
**ନ୍ୟୁଜ୍‌ବ୍ୟୁରୋ**

ରଜର ପ୍ରଥମ ଦିନରେ ବଜ୍ରପାତ ନେଇଛି ୬ ଜଣଙ୍କ ଜୀବନ। ରବିବାର ଅପରାହ୍ଣରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ ହୋଇଛି। କଟକ, ଯାଜପୁର, ସୁବର୍ଣ୍ଣପୁର, ଢେଙ୍କାନାଳ ଆଦି ଜିଲ୍ଲାରେ ବଜ୍ରପାତରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଆହତ ହୋଇଛନ୍ତି।

କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ହାଟମାଳ ପଞ୍ଚାୟତ ବିଷ୍ଣୁପୁରରେ ବଜ୍ରପାତ ହୋଇଛି। ବିଲକୁ ଯାଇଥିବା ବେଳେ ଅପରାହ୍ଣରେ ବଜ୍ରାଘାତ ହେବାରୁ କୁଡ଼ିଆରେ



ସେହିଭଳି ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଯାଜପୁର ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ପୁବୋଳ ଗ୍ରାମର ଦୀପକ ନାୟକ। ଦୀପକଙ୍କୁ ଗୁରୁତର ଅବସ୍ଥାରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେହିଭଳି ଭୁବନ ବ୍ଲକ ମୃଦଙ୍ଗା ହାଟସାହିରେ ବଜ୍ରଘାତରେ ଜଣେ ମହିଳା ଆହତ ହୋଇଛନ୍ତି। ସେପଟେ ବଜ୍ରାଘାତରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବିକଳପୁର ଗାଁର ନରେଶ କଅଁର। ସେ ଦଶମ ଶ୍ରେଣୀରେ ପଢୁଥିଲେ।

ସୂଚନା ଅନୁସାରେ ଅପରାହ୍ଣରେ ନରେଶ ଓ ଅନ୍ୟ ଦୁଇଜଣ ବିଲରେ ଖତ ଦେଉଥିବା ବେଳେ ହଠାତ *(ପୃଷ୍ଠା ୭ରେ)*

### ଏନ୍‌ଇଇଟି-ୟୁଜି ସାନି ପରୀକ୍ଷା ଆଡମିଟ୍ କାର୍ଡ ଜାରି

**ନୂଆଦିଲ୍ଲୀ,୧୪।୬**

ଏନ୍‌ଇଇଟି-ୟୁଜି ସାନି ପରୀକ୍ଷା ଆସନ୍ତା ୨୧ରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଆଡମିଟ୍ କାର୍ଡ ଜାରି କରିଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ଆବେଦନପତ୍ର ନମ୍ବର ଏବଂ ଜନ୍ମତାରିଖ କିମ୍ବା ପାସ୍‌ୱାର୍ଡ ବ୍ୟବହାର କରି ଏନ୍‌ଟିଏ ୱେବ୍‌ସାଇଟ୍ neet.nta.nic.inରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଆସନ୍ତା *(ପୃଷ୍ଠା ୭ରେ)*

## ପହିଲି ରଜରେ ୨ ଦୁର୍ଘଟଣା : ୫ ମୃତ

**କେନ୍ଦୁଝର,୧୪।୬**
**ନ୍ୟୁଜ୍‌ବ୍ୟୁରୋ**

ରବିବାର ପ୍ରଥମ ରଜ ପାଇଁ ଚାରିଆଡ଼େ ଉତ୍ସବର ପରିବେଶ ରହିଥିବା ବେଳେ କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ଅନ୍ତର୍ଗତ ଏନଏଚ ୪୯ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତକମାନେ ଲକ୍ଷ୍ମଣ ସନଙ୍ଗି ଓ ବିଛି ସନଙ୍ଗି ବୋଲି ଜଣା ପଡ଼ିଛି। ସେମାନଙ୍କ ଘର ସ୍ଥାନୀୟ କୁଆଁର ଗ୍ରାମର ବୋଲି ଜଣାପଡ଼ିଛି। ମାତ୍ର ୨ ଶହ ମିଟର ଭିତରେ ୧୦ ମିନିଟ୍ ବ୍ୟବଧାନରେ ୨ଟି ଦୁର୍ଘଟଣା ହୋଇଛି। ଦୁଇଟି ପୃଥକ ସଡ଼କ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହୋଇଛି।

ସୂଚନା ଅନୁସାରେ, ସେମାନେ ଦୁଇ ଭାଇ ଏକ ବାଇକରେ ରଜ ଉତ୍ସବ ଦେଖିବାକୁ ଯାଇ ବାୟାପଣ୍ଡାଧାର ଆଡୁ ନିଜ ଗ୍ରାମ କୁଆଁରକୁ ଫେରୁଥିବା ବେଳେ କଲୋନୀ ଛକ ନିକଟରେ ଏକ ଅଜଣା ଲାଇନ୍ ଟ୍ରକ୍ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଘଟଣା ସ୍ଥଳରେ ବାଇକ୍ ଭାଙ୍ଗି ଚୁରମାର ହୋଇ ଯାଇଥିବା ବେଳେ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଯାଇଛି। କାଞ୍ଜିପାଣି ପୋଲିସ ପହଞ୍ଚି ମୃତ ଦେହ ଜବତ କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ *(ପୃଷ୍ଠା ୭ରେ)*

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୯୦୮ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୬୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୮୧ (+୦)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୦)

## ସରପଞ୍ଚ ଚାମେଲି ଓଝା ଜେଲ୍ ଯିବା ଘଟଣା
### ତଥ୍ୟ ମାଗିଛନ୍ତି ରାଜ୍ୟ ସରକାର : ଦୋଷୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧୪।୬**
**ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡ଼ା ସରପଞ୍ଚ ଚାମେଲି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଘଟଣାକୁ ନେଇ ରାଜ୍ୟ ସରକାର ସେହି ବାବଦରେ ସବିଶେଷ ତଥ୍ୟ ମାଗିଛନ୍ତି। ସ୍ଥାନୀୟ ଏସ୍‌ପି ଓ ପ୍ରଶାସନ ରିପୋର୍ଟ ଦେବା ପରେ ଘଟଣାର ସତ୍ୟତା କେତେ ଅଛି ଜଣା ପଡିବ। ଗଣମାଧ୍ୟମ ତଥା ସୋସିଆଲ



ମିଡିଆରେ ତାଙ୍କୁ ନେଇ ଯେଉଁ ଖବର ଆସୁଛି ସେଥିରେ ସରକାର୍ ଅବଗତ *(ପୃଷ୍ଠା ୭ରେ)*

### କାଳବୈଶାଖୀ ସମ୍ଭାବନା : ୧୩ ଜିଲ୍ଲାକୁ ଅରେଞ୍ଜ ଓ ୧୭ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ

**ଭୁବନେଶ୍ୱର,୧୪।୬**
**ନ୍ୟୁଜ୍‌ବ୍ୟୁରୋ**

କାଳବୈଶାଖୀ ସମ୍ଭାବନା ନେଇ ଆସନ୍ତା ୨୧ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ।

ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ଆଗାମୀ ୨୪ ଘଣ୍ଟା ପାଇଁ ୧୩ ଜିଲ୍ଲା (ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, *(ପୃଷ୍ଠା ୭ରେ)*

## ଗଣପର୍ବ ରଜ : ଶାନ୍ତି ଓ ସମୃଦ୍ଧି କାମନା କଲେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବିରୋଧୀଦଳ ନେତା

**ଭୁବନେଶ୍ୱର,୧୪।୬**
**ନ୍ୟୁଜ୍‌ବ୍ୟୁରୋ**

ବନସ୍ତେ ଡାକିଲା ଗଜ...ବରଷକେ ଥରେ ଆସିଛି ରଜ... ଓଡ଼ିଶା ସଂସ୍କୃତି ଓ ପରମ୍ପରାର କୃଷିଭିତ୍ତିକ ଅନନ୍ୟ ଗଣପର୍ବ ରଜ ପର୍ବର ପ୍ରଥମ ଦିନ ତଥା ପହିଲି ରଜରେ ଏହି ଗୀତ ସାରା ଓଡ଼ିଶାରେ ଗୁଞ୍ଜରିତ ହେଉଛି। ଓଡ଼ିଶାର ଗଣପର୍ବ ଭାବରେ ପରିଚିତ ରଜରେ ପିଠା ଖାଇ, ଦୋଳି ଖେଳି ଆନନ୍ଦ ଉଲ୍ଲାସ ସହ ପାଳନ କରୁଛନ୍ତି ଓଡ଼ିଶାବାସୀ। ଗାଁଠୁ ସହର.. ସବୁଠି ପିଠା, ମିଠା ଆଉ ରଜପାନର ମହକ ସାଙ୍ଗକୁ ରଜ ମଉଜର ମାହୋଲ।



ତେବେ ଏହି ଗଣପର୍ବକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନେକ *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ଯେତେ ପଚାରିଲେ ବଡ଼ ଲୋକଙ୍କୁ
ବନ୍ଦବାନ୍ଦ୍ ତାଙ୍କ ପାଟି
ଇସ୍କନ ମାନେନି ତିଥି ଅତିଥି
ସବୁକଥା ଦିଏ କାଟି
ମହାପ୍ରଭୁଙ୍କର ଇଏ ମାଟି
ହିସାବ କିତାବ ସେହି କରିବେ
ପାପେ ଧରା ଗଲେ ଫାଟି !!

## ଏଲ୍‌ନିନୋ ପ୍ରଭାବରେ ଦେଶରେ ମରୁଡ଼ି ଉପୁଜିପାରେ : ଅର୍ଥନୀତିଜ୍ଞ



**ନୂଆଦିଲ୍ଲୀ,୧୪।୬**

ଏଲ୍-ନିନୋକୁ ନେଇ ଚିନ୍ତା ବଢ଼ି ଚାଲିଛି। ଏହା ମଧ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷରେ କୃଷି ଜିଡିପି ସ୍ଥିର ରହିବ କିମ୍ବା ସାମାନ୍ୟ କମ୍ ହୋଇଯାଇପାରେ। ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ ଇକୋନୋମିକ୍ ରିଲେସନ୍ସର ପ୍ରଫେସର ଏବଂ ଏଗ୍ରିକଲ୍‌ଚରାଲ କଷ୍ଟ୍ସ ଆଣ୍ଡ୍ ପ୍ରାଇସେସ୍ କମିସନ୍‌ର ପୂର୍ବତନ ଅଧ୍ୟକ୍ଷ ଅଶୋକ ଗୁଲାଟି ଏହି ଚେତାବନୀ ଦେଇଛନ୍ତି। ଏହାଦ୍ୱାରା ଦେଶର ମୋଟ ଘରୋଇ ଉତ୍ପାଦ ବି ଖସିଯାଇପାରେ ବୋଲି ସେ କହିଛନ୍ତି।

ଶ୍ରୀ ଗୁଲାଟି କହିଲେ, ବର୍ଷା କେବେ ଏବଂ କେଉଁଠାରେ କେତେ ମାତ୍ରାରେ ହେବ, ଉକ୍ତ ଆଧାରରେ କୃଷି ଜିଡିପି ଅଭିବୃଦ୍ଧି ପ୍ରାୟ 'ଶୂନ' କିମ୍ବା ନେଗେଟିଭ ରହିପାରେ। ସେ କହିଲେ ଯେ, ଆଇଏମ୍‌ଡି ମଜଭୂତ ଏଲ୍ ନିନୋ ଅନୁମାନ କରିଛି। ତେଣୁ ଚାଷକାର୍ଯ୍ୟ ପାଇଁ ବର୍ଷ ୨୦୨୬-୨୭ ଅତ୍ୟନ୍ତ ଖରାପ ରହିପାରେ। ଚାଷୀମାନଙ୍କ ପାଇଁ ଏହା ଅତ୍ୟନ୍ତ ଖରାପ ରହିବ, ଯେଉଁମାନଙ୍କ ଅଧିକାଂଶ ଆୟ ଚାଷକାର୍ଯ୍ୟରୁ ଆସିଥାଏ।

ଗୁଲାଟି ଚିନ୍ତା ପ୍ରକଟ କରିଛନ୍ତି ଯେ, ୨୦୨୬ରେ ମରୁଡ଼ି ପରିସ୍ଥିତି ଉପୁଜିପାରେ। ଚାଷୀଙ୍କ ଆୟ ପ୍ରଭାବିତ ହେବ। ସମଗ୍ର ଅର୍ଥବ୍ୟବସ୍ଥା ଉପରେ ବି ନକାରାତ୍ମକ ପ୍ରଭାବ ପଡ଼ିବ। ଘରୋଇ ଚାହିଦାରେ ଗ୍ରାମୀଣ ଅର୍ଥ *(ପୃଷ୍ଠା ୭ରେ)*







## ପାନୀୟ ଜଳ ସମସ୍ୟା ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୁଆଁରପାଳ ଗ୍ରାମର ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଗ୍ରାମରେ ପାନୀୟ ଜଳ ସମସ୍ୟା ଥିବା ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଗ୍ରାମରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଥିବାବେଳେ ଏଠାରେ ପାନୀୟ ଜଳ ସମସ୍ୟା ଥିବାରୁ ଗ୍ରାମବାସୀମାନେ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମରେ ନଳକୂପ ଅଛି ତାହା କିନ୍ତୁ ଉପଯୁକ୍ତ ପାଣି ବାହାରୁନଥିବାରୁ ଗ୍ରାମବାସୀମାନେ ପାନୀୟ ଜଳ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ସହ ଦୂର ବାଟରୁ ଯାଇଁ ପାଣି ଆଣୁଛନ୍ତି। ଗ୍ରାମରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ପ୍ରତିମା ପ୍ରଧାନ, କଳ୍ପତରୁ ପ୍ରଧାନ, ସ୍ୱର୍ଣ୍ଣଲତା ପ୍ରଧାନ, ମନୋରମା ପ୍ରଧାନ, ମାମିନା ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ସିଲେଟପଡାରେ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶିଳାନ୍ୟାସ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଲେଟପଡା ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାଷି ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଶିବାଜୀ ଇସଲୱାର ବଲାଙ୍ଗିର ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁଇଁନ୍ତଲା ରନ୍ମଣୀ ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ସାଂସଦ ଙ୍କ ପ୍ରତିନିଧି ରାଜ କିଶୋର ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଯୁବରାଜ ନାଏକ ସଭାପତିତ୍ୱ କରିଥିଲେ ।

# ମହିଳା ବିରୋଧୀ ଅପରାଧ ଉପରମୁହାଁ : ୫ ମାସରେ ୧୫୦ ପାର୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ବିଭିନ୍ନ ଯୋଜନା ଆଣୁଛନ୍ତି। କର୍ମକ୍ଷେତ୍ରରେ ପ୍ରାଧାନ୍ୟ ଦେବାଠୁ ଆରମ୍ଭ କରି ସେମାନଙ୍କ ବିରୋଧରେ ଘଟୁଥିବା ଲିଙ୍ଗଭିତ୍ତିକ ହିଂସା ଏବଂ ଯୌନ ଅପରାଧ ଉପରେ ଲଗାମ୍ ଦେବାକୁ ସରକାର କଠୋର ଆଇନ ମଧ୍ୟ ପ୍ରଣୟନ କରିଛନ୍ତି। ମାତ୍ର ମହିଳା ବିରୋଧୀ ଅପରାଧ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। କମିସନରେଟ୍ ପୁଲିସ୍‌ର ଭୁବନେଶ୍ୱର ୟୁପିଡିରୁ ମିଳିଥିବା ତଥ୍ୟ ଅନୁସାରେ ଚଳିତ ବର୍ଷରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୧୫୦ରୁ ଅଧିକ ମହିଳା ଅପରାଧର ଶିକାର ହୋଇଥିବା ମାମଲା ରୁଜୁ ହୋଇଛି। ଉଦ୍‌ବେଗର ବିଷୟ ହେଉଛି, ଏଥିମଧ୍ୟରୁ ୨୦ଟି ଦୁଷ୍କର୍ମ ମାମଲା ଥିବା ବେଳେ ୩ଟି ଗଣଦୁଷ୍କର୍ମ ଭଳି ସଙ୍ଗିନ ଅପରାଧ ରହିଛି। କେବଳ ଏତିକି ନୁହେଁ, ୪୧ଜଣ ମହିଳାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରାଯାଇଥିବା ମାମଲା ରୁଜୁ ହୋଇଛି।

ଅପରପକ୍ଷେ ମହିଳାଙ୍କୁ ଆକ୍ରମଣ ଓ ଅନ୍ୟାନ୍ୟ ଅପରାଧ ଭିଆଇଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଭୁବନେଶ୍ୱରର ବିଭିନ୍ନ ଥାନା ପକ୍ଷରୁ ପ୍ରାୟ ୮୦ଜଣ ଅଭିଯୁକ୍ତଙ୍କୁ ମହିଳାଙ୍କ ବିରୋଧରେ ହିଂସା ଘଟାଇବା, ପ୍ରାଣାନ୍ତକ ଆକ୍ରମଣ କରିବା, ଯୌନ ନିର୍ଯାତନା ଦେବା, ଉଦ୍ଦେଶ୍ୟମୂଳକ ଭାବେ ପିଛା କରିବା, ଅଶ୍ଳୀଳ ଇଙ୍ଗିତ କରିବା ଭଳି ଅଭିଯୋଗରେ ପୁଲିସ ଗିରଫ କରିଛି।

ଗତ ମାର୍ଚ୍ଚ ମାସରେ ପଶ୍ଚିମବଙ୍ଗର ଜଣେ ମହିଳା ଚନ୍ଦକାରେ ରହୁଥିବା ତାଙ୍କ ସ୍ୱାମୀଙ୍କ ପାଖକୁ ଆସିଥିଲେ। କୌଣସି କାରଣକୁ କେନ୍ଦ୍ରକରି ଦମ୍ପତିଙ୍କ ମଧ୍ୟରେ କଳହ ହେବାରୁ ମହିଳା ଜଣକ ଘର ଛାଡ଼ି ଚାଲିଆସିଥିଲେ। ଅଧାରାସ୍ତାରେ ତାଙ୍କ ସ୍ୱାମୀଙ୍କ ପଡ଼ୋଶୀ ତଥା ଆମ୍ବୁଲାନ୍ସ ଚାଳକ




ନାରାୟଣ ସାହୁ ଦେଖା ହେବାରୁ ମହିଳା ତାଙ୍କୁ ଷ୍ଟେସନ୍‌ରେ ଛାଡ଼ିଦେବାକୁ କହିଥିଲେ। ଷ୍ଟେସନ୍‌ରେ ଛାଡ଼ିବା ପରିବର୍ତ୍ତେ ନାରାୟଣ ତାଙ୍କୁ ରଣସିଂହପୁର ଅଞ୍ଚଳକୁ ନେଇ ସେଠାରେ ଦୁଷ୍କର୍ମ କରିଥିଲେ। ଏହା ପରେ ତାଙ୍କର ଅନ୍ୟ ଜଣେ ବନ୍ଧୁ ବିଚିତ୍ର ସାହୁଙ୍କୁ ମଧ୍ୟ ସେଠାକୁ ଡାକିଥିଲେ। ପରେ ୨ଜଣ ମିଶି ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ।

ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳରେ ଘଟିଥିବା ଏହି ଲଜ୍ଜାଜନକ ଘଟଣାରେ ଇଂଜିନିୟରିଂ ଛାତ୍ରୀଙ୍କ ପୁରୁଷ ବନ୍ଧୁ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରି ପ୍ରଥମେ ବ୍ଲାକମେଲିଂ କରିଥିଲେ। ଏହା ପରେ ରୁମ୍‌କୁ ଭୋଜି କରିବାକୁ ଡାକି ଛାତ୍ରୀଙ୍କ ଖାଦ୍ୟରେ ନିଶା ମିଶାଇ ସେ ଓ ତାଙ୍କର ଅନ୍ୟ ୩ଜଣ ବନ୍ଧୁ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ଏହି ଘଟଣାରେ ଇନ୍‌ଫୋଭ୍ୟାଲି ଥାନା ପୁଲିସ ଶୁଭଙ୍କର ପାଢ଼ୀ, ରଞ୍ଜନ ବେହେରା, ରଶ୍ମିରଞ୍ଜନ ତରାଇ ଓ ସିପୁନ ବେହେରାକୁ ଗିରଫ କରିଥିଲା।

ପ୍ରଥମେ ସାମାଜିକ ଗଣମାଧ୍ୟମରେ ହାଏ ହେଲୋ। ତା' ପରେ ବନ୍ଧୁତ୍ୱ ବାନ୍ଧିବା ଆଳରେ ଦୁଷ୍କର୍ମ। ଏହି ଭଳି ଘଟଣା ରାଜଧାନୀରେ ରୀତିମତ ଦେଖିବାକୁ ମିଳୁଥିବା ବେଳେ କିଛି ମହିଳା ଉପସ୍ଥିତ ବୁଦ୍ଧି ଖଟାଇ ଦୁଷ୍କର୍ମରୁ ବର୍ତ୍ତିଯାଇଛନ୍ତି। ଭୁବନେଶ୍ୱର ୟୁପିଡିରୁ ମିଳିଥିବା ତଥ୍ୟ ଅନୁସାରେ, କିଛି ଯୌନ ପିପାସୁ ପ୍ରଥମେ ସାମାଜିକ ଗଣମାଧ୍ୟମରେ ବନ୍ଧୁତ୍ୱ ବାନ୍ଧିବା ଆଳରେ ମେସେଜ୍ କରି ସମ୍ପର୍କ ଆଗକୁ ବଢ଼ାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ବିଭିନ୍ନ ବାହାନା ଦେଖାଇ ଅଭିଯୁକ୍ତମାନେ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କଲାବେଳେ ପୀଡ଼ିତା ଖସି ଆସିଛନ୍ତି। ଏପରିକି ନକଲି ଏଆଇ ଭିଡିଓ ପ୍ରସ୍ତୁତ କରି ବ୍ଲାକମେଲିଂ କରିବାରୁ ପ୍ରାୟ ୨୧ଜଣ ପୀଡ଼ିତା ଥାନାରେ ଦ୍ୱାରସ୍ଥ ହେବା ପରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ଆଇଟି ଆକ୍ଟ-୬୭ ଲଗାଇ ଗିରଫ କରିଛି। ପିପିଲି ଥାନା ଅଧୀନ ଗୁଡ଼ିଆପୋଖରୀସ୍ଥିତ ଏକ ହୋଟେଲରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ମାମଲାକୁ ଆଧାର କରି ଧଉଳି ପୁଲିସ ସଂପୃକ୍ତ ସାଇବର ଠକେଇ ଗ୍ୟାଙ୍ଗର ପର୍ଦ୍ଦାଫାସ କରିବା ନେଇ ଖିଅ ଖୋଜୁଛି। ଧଉଳି ପୁଲିସ ଦୁଷ୍କର୍ମ ଅଭିଯୁକ୍ତ ଯାଜପୁରର ଜିତୁ ଓରଫ ହିମାଂଶୁ ସାମଲ ଏବଂ ପୀଡ଼ିତାଙ୍କ ମୋବାଇଲ ଫୋନ ସିଡିଆର ଯାଞ୍ଚ ଚଳାଇଛି। ସେହିପରି ଉଭୟ ଜିତୁ ଓ ପୀଡ଼ିତାଙ୍କର ବ୍ୟାଙ୍କ ଆକାଉଣ୍ଟ ଏବଂ ଆଧାରକାର୍ଡ଼ ଯାଞ୍ଚ କରୁଛି। ଧଉଳି ମାମଲା ସହିତ ଅନ୍ୟ କୌଣସି ସାଇବର ଠକେଇ ଘଟଣାର ଲିଙ୍କ୍ ଅଛି କି ନାହିଁ ସେନେଇ ପୁଲିସ ବ୍ୟାଙ୍କ ଶାଖାକୁ ଯାଇ ଷ୍ଟେଟମେଣ୍ଟ ମଗାଇଛି। ଜିତୁର କେଉଁ କେଉଁ ବ୍ୟାଙ୍କରେ ଆକାଉଣ୍ଟ ରହିଛି ସେନେଇ ତଥ୍ୟ ସଂଗ୍ରହ କରିଛି। ପୀଡ଼ିତାଙ୍କ ଆକାଉଣ୍ଟକୁ ଯେଉଁ ଆକାଉଣ୍ଟରୁ ଟଙ୍କା ଆସିଥିଲା ତାହା ଜିତୁର କି ଅନ୍ୟ କୌଣସି ସାଇବର ଠକ ଗ୍ୟାଙ୍ଗର ସେଦିଗରେ ପୁଲିସ ତଦନ୍ତ କରି ଆକାଉଣ୍ଟ ହୋଲଡରଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି। ଆକାଉଣ୍ଟ ନମ୍ବର ଖୋଲତାଡ଼ କରାଯିବା ଦ୍ୱାରା ଅନ୍ୟ କେହି ସାଇବର ଠକେଇର ଶିକାର ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇଯିବ ବୋଲି ପୁଲିସ କହୁଛି। ଏହା ସହିତ ପୁଲିସ ସାଇବର ଥାନାର ଏକ୍ସପର୍ଟଙ୍କ ସହ ଯୋଗାଯାଗ କରିଛି। ତଦନ୍ତ ପ୍ରକ୍ରିୟା ଆଧାରରେ ଦରକାର ପଡ଼ିଲେ ପୁଲିସ ଜିତୁକୁ ରିମାଣ୍ଡରେ ଆଣିବା ନେଇ କୋର୍ଟରେ ଆବେଦନ କରିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯାଜପୁର ବଡ଼ଚଣା ଥାନା କୂଳହରିପୁର ଗ୍ରାମର ଜିତୁ ସାଇବର ମାମଲାରେ ଫସାଇ ଜଣେ ଯୁବତୀଙ୍କୁ ପିପିଲି ଥାନା ଗୁଡ଼ିଆପୋଖରୀ ଅଞ୍ଚଳରେ ଥିବା ଏକ ହୋଟେଲକୁ ନେଇ ଦୁଷ୍କର୍ମ କରିଥିଲା। ରାଜଧାନୀରେ ପୁଣି ଲଜ୍ଜା। ଗୋଟେ ଗଣଦୁଷ୍କର୍ମ ଘଟଣାକୁ ମାସେ ବିତି ନଥିବା ବେଳେ ପୁଣି ଆଉ ଏକ ଗଣଦୁଷ୍କର୍ମ ସାମନାକୁ ଆସିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରାସ୍ଥିତ ଡିକ୍ୟୁ ୟୁନିସେକ୍ସ ପାର୍ଲରରେ ଜଣେ ଯୁବତୀଙ୍କୁ ଚାକିରି ଦେବାକୁ ଡାକି ମାଲିକ ଓ କର୍ମଚାରୀ ଦୁଷ୍କର୍ମ କରିଛନ୍ତି। ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ କରି ପାର୍ଲର ମାଲିକ ରବୀନ୍ଦ୍ର ମହାନ୍ତି ଓ କର୍ମଚାରୀ ସନ୍ତୋଷ ବାରିକଙ୍କୁ ଗିରଫ କରିଛି। ପୁଲିସ ପୀଡ଼ିତାଙ୍କର ଡାକ୍ତରୀ ମାଇନା କରିବା ସହିତ ବୟାନ ରେକର୍ଡ କରିଛି। ପାର୍ଲରରୁ ପୁଲିସ ଆପତ୍ତିଜନକ ସାମଗ୍ରୀ ଓ ସିସି କ୍ୟାମେରା ଜବତ କରିବା ସହ ଏହାକୁ ସିଲ୍ କରିଛି। ସେହିଭଳି ପାର୍ଲରରୁ ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଛି। ଅପରପଟେ ଯୁବତୀଙ୍କୁ ପାର୍ଲରର ମାଲିକଙ୍କ ନିକଟକୁ ଚାକିରି ପାଇଁ ପଠାଇଥିବା ଦଲାଲ୍ ଫେରାର୍ ଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି। ପୁଲିସ ସୂଚନା ଅନୁସାରେ, ଗତ ମେ ମାସରେ ଯୁବତୀ ଜଣକ କାମ ଅନ୍ୱେଷଣରେ ଭୁବନେଶ୍ୱର ଆସିଥିଲେ। ଏଠାରେ ସେ ଗତ ସପ୍ତାହରେ ଖଣ୍ଡଗିରିରେ ଜଣେ ଯୁବକଙ୍କୁ ଭେଟିଥିଲେ। ଘରର ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ଯୁବତୀ ତାଙ୍କୁ କୌଣସି କାମ ଯୋଗାଡ଼ କରିବାକୁ କହିଥିଲେ। ପରେ ଯୁବକ ତାଙ୍କୁ ଡିକ୍ୟୁ ପାର୍ଲରର ମାଲିକ ରବୀନ୍ଦ୍ରଙ୍କ ଯୋଗାଯୋଗ ନମ୍ବର ଦେଇ କଥା ହେବାକୁ କହିଥିଲେ। ସେହି ଅନୁସାରେ ଯୁବତୀ ପାର୍ଲର ନିକଟକୁ ଯାଇ ଯୁବକ ପଠାଇଥିବା ପରିଚୟ ଦେଇ ରବୀନ୍ଦ୍ରଙ୍କୁ ଭେଟିଥିଲେ। ପରେ ରବୀନ୍ଦ୍ର ୮ତାରିଖ ଅର୍ଥାତ୍ ସୋମବାର କାମ କରିବାକୁ ପାର୍ଲରକୁ ଡାକିଥିଲେ। ଗତକାଲି ଯୁବତୀ ପାର୍ଲରକୁ ଆସିବା ପରେ ରବୀନ୍ଦ୍ର ଓ ତାଙ୍କ କର୍ମଚାରୀ ସନ୍ତୋଷ ତାଙ୍କୁ ପାର୍ଲରରେ ନୀତି ନିୟମ ଓ କାମ କରିବା ଶିଖାଇବା ଆଳରେ କହି ଭିତର ରୁମ୍‌କୁ ନେଇଥିଲେ। ଏହା ପରେ ଜୋର୍ ଜବରଦସ୍ତ ଦୁଷ୍କର୍ମ କରିଥିଲେ। କାମ କରିବାକୁ ହେଲେ ଏଠାକୁ ଆସୁଥିବା ଗ୍ରାହକଙ୍କୁ ନିୟମିତ ଏହିଭଳି ଖୁସି କରିବାକୁ ପଡ଼ିବ ବୋଲି ମାଲିକ ତାଙ୍କୁ କହିଥିଲେ। ଯୁବତୀ କୌଣସି ମତେ ସେଠାରୁ ଖସିଆସିବା ପରେ ଖଣ୍ଡଗିରି ଥାନାରେ ଘଟଣା ସଂପର୍କରେ ଅଭିଯୋଗ କରିଥିଲେ। ପରେ ପୁଲିସ ରବୀନ୍ଦ୍ରକୁ ତାଙ୍କ ଜାଗମରାସ୍ଥିତ ଘରୁ ଓ ସନ୍ତୋଷକୁ ପାର୍ଲରରୁ ଗିରଫ କରିଥିଲା। ଅପରପଟେ ପୁଲିସ ଉଭୟ ମାଲିକ ଓ କର୍ମଚାରୀଙ୍କ ମୋବାଇଲ୍ ସିଜ୍ କରି ଫୋରେନ୍ସିକ ଲ୍ୟାବ୍‌କୁ ପଠାଇଛି। ରବୀନ୍ଦ୍ର ଓ ସହକର୍ମୀ କେତେ ଦିନ ହେବ ଏଠାରେ ପାର୍ଲର ଆଳରେ ଏହି ଅନୈତିକ କାରବାର କରୁଥିଲେ ଏବଂ ଆଉ କାହାକୁ ଚାକିରି ଦେବାକୁ କହି ଦୁଷ୍କର୍ମ କରିଛନ୍ତି ତା'ର ତନାଘନା କରୁଛି।

## ଜୁନ୍ ୨୮ରେ ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ମହୋତ୍ସବ

**ବରଗଡ଼: ନ୍ୟୁଜ୍ ବ୍ୟୁରୋ**

ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଏ ଇ ମିସନ ସ୍କୁଲ ଠାରେ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଶ୍ରୀ ଦଧିବାବନ ଶତପଥୀଙ୍କ ସଭାପତିତ୍ୱରେ ଉପ ସଭାପତି ସର୍ଦ୍ଦାର ପ୍ରିତମ ସିଂହଙ୍କ ସଂଯୋଜନାରେ ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ ! ଆସନ୍ତା ଜୁନ ୨୮ ତାରିଖ ଦିନ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ଜୟନ୍ତୀ ମହୋତ୍ସବ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ସକାଳ ୧୦ ଘଣ୍ଟା ସମୟରେ ପାଳନ କରାଯିବ ! ମୁଖ୍ୟ ଅତିଥି ମାନ୍ୟବର ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ବରଗଡ଼ ମୁନସିପାଲଟି ପୌରାଧ୍ୟକ୍ଷା କଳ୍ପନା ମାଝୀ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ କବି ଲକ୍ଷ୍ମୀ ନାରାୟଣ ହୋତା ଯୋଗଦାନ କରିବେ ! ଏହି ଅବସରରେ ଆନ୍ତର୍ଜାତିୟ ସଞ୍ଚାର ଗାୟକ ବାହାକ ଅଲେଖ ସାହୁ(୮୫) ଏବଂ ବୟୋଜ୍ୟେଷ୍ଠ ଦଣ୍ଡ ନୃତ୍ୟ ଗୁରୁ ବିଶ୍ୱମ୍ଭର ଷାଣ୍ଡ ଟିହା(୮୨)ଙ୍କୁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି ସମ୍ମାନ ପ୍ରଦାନ କରାଯିବ, ଏହି ଅବସରରେ ଗୁରୁ ଭଗବାନ ସାହୁଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ସାହିତ୍ୟ ପରିବାର ସୁନ୍ଦରଗଡ଼, ପଶ୍ଚିମାଞ୍ଚଳ ଏକତା ମଞ୍ଚ ଝାରସୁଗୁଡ଼ା, ଗୁରୁ ଭଗବାନ ସାହୁ କଳା ନିକେତନ ବଲାଙ୍ଗିର, ଜନ କଲ୍ୟାଣ କୁଲିତା ସମାଜ ଅତାବିରା ବ୍ଲକ, ଶବ୍ଦନୃତ୍ୟ ଆଦି ଗୁରୁ ଭଜମନ ଦାସ କଳା ପରିଷଦ କୁଟାସିଂହା ବଲାଙ୍ଗିର, ସଚେତନ ହେମା ଢୋଲବନ୍ଧ ପଦ୍ମପୁର, ମାଁ ଚରଦେଇ ଲୋକ ମହୋତ୍ସବ କମିଟି ବିନିକା, ଆମର୍ ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନ ପଦ୍ମପୁରକୁ ସମ୍ମାନୀତ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗୁରୁ ଭଗବାନ ସାହୁଙ୍କ ଉପରେ କବିତା ଆସର ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି, ସଂଗଠନ ସମ୍ପାଦକ ପ୍ରଦୀପ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ବାରିକ, ସହ ସମ୍ପାଦକ ଡ଼ ଯଶବୀର ସିଂ ସୈନୀ, ବରିଷ୍ଠ ସଦସ୍ୟ ଉଦ୍ଧବ ଚରଣ ବେହେରା, ବିମଳ କୃଷ୍ଣ ମିଶ୍ର, ଶିବାନନ୍ଦ ମଟାରୀ, ନୂରାବତି ସାହୁ, ସନ୍ତୋଶିନି ଦାଶ, ଜୟଶ୍ରୀ ପଣ୍ଡା, ପ୍ରଦୀପ କୁମାର ମିଶ୍ର, ସାରଥି ମେହେର, ମନୋଜ ବାଗ, ଜଟାଧାରୀ ପ୍ରଧାନ ପ୍ରମୁଖ ସଫଳ ଆୟୋଜନ ପାଇଁ ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ ।



## ଯୋଗ ଦିବସ ପାଳନ ପାଇଁ ପ୍ରଶିକ୍ଷଣ



**ସୁବର୍ଣ୍ଣପୁର ନ୍ୟୁଜ୍ ବ୍ୟୁରୋ**

ପତଞ୍ଜଳି ପରିବାର ଓ ଜିଲ୍ଲା ଯୋଗ ଆୟୋଗ ପକ୍ଷରୁ ବିଭିନ୍ନ ଯୋଗ ଅନୁଷ୍ଠାନକୁ ନେଇ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ଯୋଗ ପ୍ରୋଟୋକଲ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଭାରତ ସ୍ୱାଭିମାନ ପ୍ରଭାରୀ ମନୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ଯୋଗ ସାଧକ ସାଧିକାଙ୍କ ମହତ ପ୍ରୟାସକୁ ପ୍ରଶଂସା କରି 'ଯୋଗ ହେଉଛି ସକାରାତ୍ମକ ଅନୁଭବ ତାକୁ ନିଜ ସହିତ ଯୋଡିବାକୁ ପରାମର୍ଶ କରିଥିଲେ। ଆତ୍ମା ସହିତ ପରମାତ୍ମା ଯୋଡିବା ମୁଁ ଦେଖିନି କିନ୍ତୁ ଆତ୍ମା, ମନ ଓ ହୃଦୟକୁ ଯୋଡିବା ହିଁ ଯୋଗ ବୋଲି କହିଥିଲେ। ଆତ୍ମାର ଆଶ୍ରୟ ସ୍ଥଳୀ ହେଉଛି ଦେହ, ସେଥିପାଇଁ ଦେହକୁ ଛାଡି କୌଣସି କାର୍ଯ୍ୟରେ ଆମେ ସଫଳ ହୋଇ ପାରିବା ନାହିଁ । ଆଉ ସବୁ ରୋଗର ମୂଳ ହେଉଛି ଆମ ମସ୍ତିଷ୍କ, ଯଦି ମାନସିକ ସ୍ତରରେ ଆମେ ସୁସ୍ଥ ଅଛୁ ତା'ହେଲେ ଆମେ ସବୁ ରୋଗରୁ ମୁକ୍ତି ପାଇବା ବୋଲି ଜିଲ୍ଲାପାଳ ଡ଼. ସାହୁ ଯୋଗୀ ଓ ପ୍ରଶିକ୍ଷକ ମାନଙ୍କୁ ଏହି ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି, ଯାହା ୨୧ ଜୁନ୍ ୨୦୨୬ ରେ ଯୋଗ, ସୁସ୍ଥତା, ଜ୍ଞାନ ଏବଂ ବିଶ୍ୱ ଶାନ୍ତି 'ବିଷୟବସ୍ତୁ ଅଧୀନରେ ପାଳନ କରାଯାଇଥାଏ' ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ ପ୍ରତିଫଳିତ କରେ ଯେ ଯୋଗ କେବଳ ଏକ ଶାରୀରିକ ଅଭ୍ୟାସ ନୁହେଁ, ବରଂ ସାମଗ୍ରିକ କଲ୍ୟାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ ବୋଲି ଯୋଗୀମାନେ ନିଜର ମତାମତ ପ୍ରଦାନ କରିଥିଲେ। ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ ଦୁର୍ଗା ଦତ୍ତ ଦାଶ ଯୋଗର ଉଦ୍ଦେଶ୍ୟ ବିଷୟରେ ଆଲୋକ ପାତ କରିଥିଲେ। ଜିଲ୍ଲାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଯୋଗକୁ ଲୋକାଭିମୁଖୀ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସବୁବେଳେ କାର୍ଯ୍ୟରତ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୩ ଜଣ ଉଦୟମାନ ପ୍ରତିଭା ସୋନପୁର କଲେଜ୍ ଏନ୍.ସି.ସି କ୍ୟାପଟେନ ଆଶିଷ ଅଗ୍ରୱାଲ, ଓଡ଼ିଶା ପ୍ରଶାସନିକ ସେବାର ଅଷ୍ଟମ ସ୍ଥାନରେ କୃତିତ୍ୱ ଅର୍ଜନ କରିଥିବା ଯୋଗ ସମିତିର ସାନନ୍ଦ ବାରିକଙ୍କ ପୁଅ ନୀତେଶ ବାରିକ ଓ ସୋନପୁର ଝଡ଼ ବାତ୍ୟାରେ ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥିବା କର୍ମଯୋଗୀ ଗୋବିନ୍ଦ ମହାରଣାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜ୍ୟ ମହିଳା ପ୍ରଭାରୀ ଜେ ଗିରିଜା ଦେବୀ ଯୋଗ ସାଧକ ସାଧିକାଙ୍କୁ ଯୋଗ ପ୍ରାଣାୟାମ ଓ ଧ୍ୟାନ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଯୋଗର ବିକାଶ ସକାଶେ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲାର ଅନ୍ୟ ଯୋଗ ସାଧକଙ୍କ ଦସ୍ତଖତରେ ଏକ ଦାବି ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାର ଓଁ ଯୋଗ ସମିତି ବାଇଗଣଗୁଡ଼ିର ଡ଼ଃ ପ୍ରତିମା ରଥ, ଦିବ୍ୟ ଶକ୍ତି ଯୋଗ ସମିତି ସଂଯୋଜିକା ଅନିତା ମେହେର, ଦିବ୍ୟ ଉର୍ଜା ଯୋଗ ସମିତିର ସଭାପତି ଗୋପାଳ ନେଗୀ, ସମ୍ପାଦକ ଶ୍ରୀବନ୍ତ ମିଶ୍ର, ଦେବ ରଞ୍ଜନ ତ୍ରିପାଠୀ, ଅର୍ଚ୍ଚନା ମିଶ୍ର, ରୁକ୍ମିଣୀ ମେହେର ଓ ଉମାକାନ୍ତ ମେହେର, ପର୍ଶୁରାମ ବଡ଼ମାଳୀ, ଯୋଗ ଶିକ୍ଷକ ବିଶ୍ୱଜିତ ଚାନ୍ଦ, ଡାକ୍ତର ଖେତୀ, ଅଚ୍ୟୁତାନନ୍ଦ ପୁରୋହିତ, ନିହାରିକା ସାହୁ, ଭଗବତୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଶିବିରକୁ ସହଯୋଗ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଅନେକ ବୁଦ୍ଧିଜୀବୀ ଓ ସାମ୍ବାଦିକଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବ୍ରହ୍ମକୁମାରୀ ଅନୁଷ୍ଠାନ ଦ୍ୱାରା ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ସୁନାଇଲୋ ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସେବାକେନ୍ଦ୍ର ଆନୁକୁଲ୍ୟରେ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ବନ ବିଭାଗ କୃଷି ଉଦ୍ୟାନ ବିଭାଗ ସହଯୋଗରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ମନକରପୁର ସ୍ଥିତ ମାଳେଶ୍ୱର ମନ୍ଦିର ପ୍ରାଙ୍ଗଣ ସୁନାଇଲୋ ସ୍ଥିତ ଯାଜ୍ଞସେନୀ ମନ୍ଦିର, ତରାପୁର ଓ ମେହେନ୍ଦିପୁର ଗ୍ରାମ୍ୟ ସଡକ ପାର୍ଶ୍ୱରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, ବନାଞ୍ଚଳ ଅଧିକାରୀ ରବିନ୍ଦ୍ର କୁମାର ନାୟକ, ବ୍ରହ୍ମକୁମାରୀ ସେବା କେନ୍ଦ୍ର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ସ୍ନେହ ଭଉଣୀ, ସମାଜସେବୀ ପ୍ରଦୀପ୍ତ ମହାନ୍ତି, ବସନ୍ତ କୁମାର ନାୟକ, ଚିନ୍ମୟ ମହାନ୍ତି ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମକୁମାର ରବିନ୍ଦ୍ର, ସରୋଜ ନିରଞ୍ଜନ, ଅଲେଖ ସଂଗ୍ରାମ, ଅଭୟ, ମଦନ ଇତ୍ୟାଦି ସହଯୋଗ କରିଥିଲେ।




## ବାଉଁଶୁଣି ବିଜେପିର ମଣ୍ଡଳ ସ୍ତରୀୟ ବୈଠକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

କାମାଳ ନିର୍ବାଚନ ମଣ୍ଡଳୀର ବାଉଁଶୁଣୀ ମଣ୍ଡଳର ଦହ୍ୟା ଠାରେ ମଣ୍ଡଳ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଶରତ କୁମାର କର୍ଣ୍ଣଙ୍କ ସଭାପତିତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଉପସଭାପତି ତଥା ମଣ୍ଡଳ ପ୍ରଭାରୀ ସୁଶା ବାଘଙ୍କ ମୋଦି ସରକାର ୧୨ବର୍ଷ ପୂର୍ତ୍ତି ଓ ମୋହନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁଶାସନ ଓ ସଂଗଠନ ଉପରେ ଆଲୋଚନା କରିଥିଲେ। ସଂଗଠନକୁ ସୁଦୃଢ କରିବା ପାଇଁ ଗୁନ୍ଦୁଳିଆ ସରପ□ଧବଳେଶ୍ୱର ସିଂହ ବକ୍ତବ୍ୟ ଦେଇଥିଲେ । ବୌଦ୍ଧ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପାନେଶ୍ୱରୀ ଦେହୁରୀ, ମଣ୍ଡଳ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପୋଢ଼ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ତ୍ରିବିକ୍ରମ ମହାକୁଡ଼, ପୌଲସ୍ତି ପ୍ରଧାନ, ଅବିନାଶ ମିଶ୍ର, ସନ୍ତୋଷ ପାଢ଼ୀ, ଉମେଶ ମିଶ୍ର, ଝୁନୁ ଭୁକ୍ତା, ଅମ୍ବିକା ବେହେରା, ରବୀନ୍ଦ୍ର ସେଠୀ, ଦୁର୍ଗେସ ମହାକୁଡ଼ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ମଣ୍ଡଳ ସାଧାରଣ ସମ୍ପାଦକ ହିମାଂଶୁ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାୟନ୍ସ କ୍ଲବ୍ ଅଫ୍ ପଦ୍ମପୁରର ୩୫ତମ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଲାୟନ୍ସ କ୍ଲବ୍ ଅଫ୍ ପଦ୍ମପୁରର ୩୫ତମ ଶପଥ ଗ୍ରହଣ ସମାରୋହ ସ୍ଥାନୀୟ ଲାୟନ୍ସ ଭବନଠାରେ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ସମ୍ମାନିତ ମୁଖ୍ୟ ଅତିଥି ଭାବେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ସେବା, ନେତୃତ୍ୱ ଓ ସାମାଜିକ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଗଭର୍ଣ୍ଣର-ଇଲେକ୍ଟ ଲାୟନ୍ ଚରଣଜିତ କୌର ହୁରା ଇନଷ୍ଟଲେସନ୍ ଅଫିସର ଭାବେ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଅତିଥି ସମ୍ମାନନୀୟ ଭାବେ ଲାୟନ୍ ପ୍ରଦୀପ ଅଗ୍ରୱାଲ ଉପସ୍ଥିତ ରହି ନୂତନ ଟିମ୍‌କୁ ଶୁଭେଚ୍ଛା



ଜଣାଇଥିଲେ। କ୍ଲବ୍‌ର ସଭାପତି ଲାୟନ୍ ପ୍ରୀତମ ମେହେର ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥି ଓ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୂତନ ସଭାପତି ଭାବେ ଲାୟନ୍ ସୌମ୍ୟଜିତ ପାଢ଼ୀ, ସମ୍ପାଦକ ଭାବେ ଲାୟନ୍ ଶାଶ୍ୱତ ଦାଶ ଏବଂ କୋଷାଧ୍ୟକ୍ଷ ଭାବେ ଲାୟନ୍ ରାଜେନ୍ଦ୍ର ମେହେର ଦାୟିତ୍ୱ ଗ୍ରହଣ କରିଥିଲେ। ସଭାପତି ଲାୟନ୍ ସୌମ୍ୟଜିତ୍ ପାଢ଼ୀ ଆଗାମୀ ବର୍ଷ ପାଇଁ ହେବାକୁ ଥିବା ସେବା କାର୍ଯ୍ୟକ୍ରମ ମାନଙ୍କର ବିବରଣୀ ପ୍ରଦାନ କରିଥିଲେ। ସମାରୋହରେ ଦୁଇଜଣ ନୂତନ ସଦସ୍ୟଙ୍କୁ ଲାୟନ୍ସ ପରିବାରରେ ସାମିଲ କରାଯାଇଥିଲା। ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ବେଣୁମାଧବ ଡୋରା ଓ ଦ୍ୱିତୀୟ ଉପ ଜିଲ୍ଲା ଗଭର୍ଣ୍ଣର-ଇଲେକ୍ଟ ମେଜର ଚିତ୍ତରଞ୍ଜନ ଦାଶ ନୂତନ ଟିମ୍‌କୁ ଆଶୀର୍ବାଦ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ। କ୍ଲବ୍‌ର ବିକାଶ ଓ ସେବା କାର୍ଯ୍ୟକ୍ରମରେ ଅବଦାନ ପାଇଁ ଲାୟନ୍ସ କ୍ଲବ୍ ଅଫ୍ ପଦ୍ମପୁରର ସମସ୍ତ ପୂର୍ବତନ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଲାୟନ୍ସ କ୍ଲବ୍ ଅଫ୍ ପାଟଣାଗଡ଼, ପାଟଣାଗଡ଼ ଆଚିଭର୍ସ, ପାଇକମାଲ ନୃସିଂହନାଥ, ଗୋଦଭଗା ରୟାଲ ଏବଂ ଟିଟିଲାଗଡ଼ର ସଦସ୍ୟମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ। ଶେଷରେ ନବନିର୍ବାଚିତ ସମ୍ପାଦକ ଲାୟନ୍ ଶାଶ୍ୱତ ଦାଶ ଧନ୍ୟବାଦ ଅର୍ପଣ କରି ସମାରୋହର ସଫଳ ଆୟୋଜନରେ ସହଯୋଗ କରିଥିବା ସମସ୍ତଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ।

## ଭରତପୁର ପ୍ୟାକ୍ସରେ ପରିଚାଳନା ପରିଷଦ ବୈଠକ ଓ ମୁଗମଣ୍ଡି ଉଦ୍‌ଘାଟିତ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ପ୍ୟାକ୍ସରେ କୃଷି ସମବାୟ ସମିତିରେ ପରିଚାଳନା ପରିଷଦ ବୈଠକ ଓ ମୁଗମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ୟାକ୍ସର ସଭାପତି ବସନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପରିଚାଳନା କମିଟି ବୈଠକରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଗମଣ୍ଡି ଉଦ୍‌ଘାଟନ କରିଥିଲେ। ପ୍ୟାକ୍ସର ସମ୍ପାଦକ ସୁବୋଧ କୁମାର ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଏହି ପରିଚାଳନା ପରିଷଦ ବୈଠକରେ ଉପସଭାନେତ୍ରୀ ମମତା ଜେନା, ନିର୍ଦ୍ଦେଶକ ସାରଦା ପ୍ରସନ୍ନ ରାଉତ, ଅକ୍ଷୟ କୁମାର ମନ୍ତ୍ରୀ, ଶ୍ରୀଧର ସାମଲ, କିଶୋର ଜେନା, ବିଶ୍ୱଜିତ ସାମଲ, ଜ୍ଞାନ ପ୍ରସନ୍ନ ରାଉତ, ଅଗସ୍ତି ସେଣ ପ୍ରମୁଖ ଉପସ୍ଥିତ ରହି ବିଗତ ବର୍ଷର ଆୟ ବ୍ୟୟ ଉପରେ ଆଲୋକ ପାତ କରିଥିଲେ ଏବଂ ମଣ୍ଡିକୁ ମୁଗ, ବିରି, ସୂର୍ଯ୍ୟମୁଖୀ, ଚିନାବାଦାମ, ସୋରିଷ ଇତ୍ୟାଦି ମଣ୍ଡିକୁ ବିକ୍ରି କରିବାକୁ ଆସୁଥିବା ଚାଷୀମାନଙ୍କୁ ଗୁରୁତ୍ୱ ଦେବା ସହ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଛି।

## ବିଦାୟୀ ପ୍ରଧାନ ଶିକ୍ଷକଙ୍କ କର୍ମନିଷ୍ଠା ଓ ସମର୍ପଣ ଅନ୍ୟମାନଙ୍କ ପାଇଁ ଉଦାହରଣ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଙ୍କ ଅବସରରେ ବିଦ୍ୟାଳୟ ପରିସରରେ ଏକ ଭବ୍ୟ ସମ୍ବର୍ଦ୍ଧନା ଓ ବିଦାୟକାଳୀନ ସଭା ଆୟୋଜିତ ହୋଇଥିଲା।ଦୀର୍ଘ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ନିଷ୍ଠା,ଦାୟିତ୍ୱବୋଧ ଓ ଉତ୍ସର୍ଗୀକୃତ ସେବା ପାଇଁ ଶ୍ରୀ ମିଶ୍ର ଶିକ୍ଷକ, ସମାଜ, ଅଭିଭାବକ ଓ ସାଧାରଣ ଜନତା ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଜଣେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ତାଙ୍କ ଅବସର ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭା ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଶ୍ରୀ ମିଶ୍ର ନିଜର ଶିକ୍ଷକତା ଜୀବନର ଆରମ୍ଭ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଶିବୁତୁଲା ଉଚ୍ଚ ବିଦ୍ୟାଳୟରୁ କରିଥିଲେ। ଜଣେ



ସାଧାରଣ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରି ସେ ନିଜର ପରିଶ୍ରମ, ଅଧ୍ୟବସାୟ ଓ କର୍ତ୍ତବ୍ୟନିଷ୍ଠା ବଳରେ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ସେ ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ରାକ୍ସିମୁଣ୍ଡା ହାଇସ୍କୁଲରେ ସେବା ପ୍ରଦାନ କରିଥିଲେ। ଏହାପରେ ସେ ବଲାଙ୍ଗୀର ସରକାରୀ ଟାଉନ ବାଳିକା ହାଇସ୍କୁଲକୁ ବଦଳି ହୋଇଆସିଥିଲେ। କିଛି ବର୍ଷ ପରେ ରାମଗୋପାଳ ହିନ୍ଦୀ ହାଇସ୍କୁଲରେ ଦାୟିତ୍ୱ ନିର୍ବାହ କରି ପଦୋନ୍ନତି ପାଇ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟକୁ ଫେରିଆସିଥିଲେ। ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇ ଅବଶେଷରେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ନିଜ ବକ୍ତବ୍ୟରେ ଶିକ୍ଷକତା କେବଳ ଏକ ଚାକିରୀ ନୁହେଁ, ଏହା ଏକ ପବିତ୍ର ସେବା ନରେନ୍ଦ୍ର ମିଶ୍ର ନିଜ ଦୀର୍ଘ କର୍ମ ଜୀବନରେ ଏହି ସେବା ଧର୍ମକୁ ସଫଳତାର ସହ ନିର୍ବାହ କରିଛନ୍ତି।

## ଲୁଣା-କରାଣ୍ଡିଆ ନଦୀ ମୁହାଣ ପୁନଃ ଖୋଲିବା ପାଇଁ ଦାବି

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଡେରାବିଶ ବ୍ଲକ, ମାର୍ଶାଘାଇ, ଗରଦପୁର ବ୍ଲକ ଅନ୍ତର୍ଗତ କରାଣ୍ଡିଆ ନଦୀ କୂଳବର୍ତ୍ତୀ ଗ୍ରାମ ହୁଡାସାହି, ଜଳପୋକ, ପୁରୋତ୍ତମପୁର, ବାଲିସାହି, ନାନକାର, କରିଲୋପାଟଣା ଓ ସଲାର ଜଳପୋକ ଆଦି ଶତାଧିକ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଲୁଣା କରାଣ୍ଡିଆ ନଦୀର ମୁହାଣ ବାଲି ପଡି ସମ୍ପୂର୍ଣ୍ଣ ପୋତି ହୋଇଯାଇଥିବାରୁ କରାଣ୍ଡିଆ ନଦୀକୁ ପାଣି ଆସୁନଥିବାରୁ ଜଳସ୍ତର ଅତ୍ୟନ୍ତ କମିଯାଉଛି ଏବଂ ଆଖପାଖ ଅଂଚଳରେ ଜଳ ସଂକଟ ଦେଖାଦେଇଛି। ବିଶେଷ କରି ଗ୍ରୀଷ୍ମଋତୁରେ ଚାଷୀମାନେ ତାଙ୍କ ଚାଷଜମିକୁ ଜଳସେଚନ କରିବାରେ ଭୀଷଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୂତଳ ଜଳସ୍ତର ହ୍ରାସ ପାଇଥିବାରୁ ଅନେକ ନଳକୂପ ମଧ୍ୟ ଅଚଳ ହୋଇ ପଡିଛି। ଏହାଦ୍ୱାରା କୃଷି, ପାନିୟ ଜଳ ଏବଂ ସାଧାରଣ ଜନ ଜୀବନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏଣୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରି କରାଣ୍ଡିଆ ନଦୀ ମୁହାଣକୁ ତୁରନ୍ତ ଖନନ କରିବା



ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ରଘୁନାଥ ବସନ୍ତିଆ, କୈଳାସ ବିହାରୀ ମନ୍ତ୍ରୀ, ଅଜିତ୍ ସାହୁ, ଖଗେଶ୍ୱର ସାମଲ, ସୁବ୍ରତ କୁମାର ପରିଡା, ଭରତ ଚନ୍ଦ୍ର ସାମଲ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ପାକିସ୍ତାନର ଦୟନୀୟ ଚିତ୍ର

ପାକିସ୍ତାନ ସରକାରୀ ରିପୋର୍ଟରୁ ବଡ଼ ଖୁଲାସା । ପାକିସ୍ତାନର ପ୍ରତି ୧୦ ଜଣରେ ୩ ଗରିବ; ଇତିହାସର ସର୍ବନିମ୍ନ ସ୍ତରକୁ ଖସିଲା ଶିକ୍ଷା ବଜେଟ୍ ! ମହଙ୍ଗା ମାଡ଼ରେ ଅଣ୍ଟା ଭାଙ୍ଗିଲା ! ସହରରୁ ଗାଁ ସବୁଠି ଗରିବୀର କରାଳ ରୂପ, ପାକିସ୍ତାନ ସରକାରୀ ରିପୋର୍ଟରୁ ବଡ଼ ଖୁଲାସା। ପଡ଼ୋଶୀ ଦେଶ ପାକିସ୍ତାନରୁ ଆସିଛି ଏକ ଚିନ୍ତାଜନକ ଖବର । ଦେଶରେ ଆର୍ଥିକ ମାନ୍ଦାବସ୍ଥା ଓ ମହଙ୍ଗା ମାଡ଼ ଯୋଗୁଁ ସାଧାରଣ ଜନତାଙ୍କ ଅଣ୍ଟା ଭାଙ୍ଗିଯାଇଛି । ପାକିସ୍ତାନ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା 'ଇକୋନୋମିକ ସର୍ଭେ ୨୦୨୫-୨୬' ରିପୋର୍ଟରେ ଦେଶର ଦୟନୀୟ ଆର୍ଥିକ ଏବଂ ସାମାଜିକ ସ୍ଥିତିର ଚିତ୍ର ପଦାକୁ ଆସିଛି । ରିପୋର୍ଟ ଅନୁଯାୟୀ, ଦେଶରେ ଦାରିଦ୍ର୍ୟତା ଦ୍ରୁତଗତିରେ ବଢ଼ିବାରେ ଲାଗିଛି ଏବଂ ଅନ୍ୟପଟେ ଶିକ୍ଷା ଉପରେ ସରକାରୀ ଖର୍ଚ୍ଚ ରେକର୍ଡ ସ୍ତରକୁ ଖସି ଆସିଛି ।

ସରକାରୀ ସର୍ଭେ ଅନୁସାରେ, ଆଜି ପାକିସ୍ତାନରେ ପ୍ରତି ୧୦ ଜଣରେ ପ୍ରାୟ ୩ ଜଣ ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ବିତାଉଛନ୍ତି । ବର୍ଷ ୨୦୧୮-୧୯ ରେ ପାକିସ୍ତାନରେ ଦାରିଦ୍ର୍ୟତା ହାର ୨୧.୯% ଥିଲା । ବର୍ଷ ୨୦୨୪-୨୫ ବେଳକୁ ଏହା ବୃଦ୍ଧି ପାଇ ୨୮.୯% ରେ ପହଞ୍ଚିଛି । ଏହାର ଅର୍ଥ ହେଉଛି, ଗତ କିଛି ବର୍ଷ ମଧ୍ୟରେ ଲକ୍ଷ ଲକ୍ଷ ଲୋକ ପୁଣି ଥରେ ଗରିବୀର ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛନ୍ତି । କ୍ରମାଗତ ଭାବେ ବଢୁଥିବା ମୁଦ୍ରାସ୍ଫୀତି, ଆର୍ଥିକ ସଂକଟ ଏବଂ ଆୟର ଅସମାନତା ଏହାର ମୁଖ୍ୟ କାରଣ ବୋଲି କୁହାଯାଇଛି । ଖାଦ୍ୟପେୟ, ବିଜୁଳି, ଜାଳେଣି ଏବଂ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦର ଯୋଗୁଁ ଲୋକଙ୍କ କ୍ରୟ ଶକ୍ତି ସମ୍ପୂର୍ଣ୍ଣ କମିଯାଇଛି । ରିପୋର୍ଟରେ ଏକ ଚମକାଇବା ଭଳି ତଥ୍ୟ ସାମ୍ନାକୁ ଆସିଛି ଯେ, ଗରିବୀ ଏବେ କେବଳ ଗ୍ରାମାଞ୍ଚଳରେ ସୀମିତ ହୋଇ ରହିନାହିଁ । ପୂର୍ବରୁ ଗାଁ ଗୁଡ଼ିକରେ ଦାରିଦ୍ର୍ୟତା ଅଧିକ ଥିବାବେଳେ, ଏବେ ସହରାଞ୍ଚଳର ବଡ଼ ସଂଖ୍ୟକ ଲୋକ ମଧ୍ୟ ତୀବ୍ର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପାକିସ୍ତାନର ସମସ୍ତ ପ୍ରମୁଖ ପ୍ରଦେଶରେ ଦାରିଦ୍ର୍ୟତା ବଢ଼ିବାରେ ଲାଗିଛି, ଯାହା ଆଗାମୀ ଦିନରେ ଦେଶ ପାଇଁ ବଡ଼ ସାମାଜିକ ବିପଦ ସୃଷ୍ଟି କରିପାରେ । ଏହା ସହ ଧନୀ ଏବଂ ଗରିବଙ୍କ ମଧ୍ୟରେ ଥିବା ବ୍ୟବଧାନ ମଧ୍ୟ ବୃଦ୍ଧି ପାଇଛି । ଯଦି ଆଗାମୀ ଦିନରେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ କୌଣସି ବଡ଼ ସଂକଟ ଦେଖାଦିଏ, ତେବେ ବିଦେଶରୁ ଆସୁଥିବା ଟଙ୍କା ପ୍ରଭାବିତ ହେବ, ଯାହା ପାକିସ୍ତାନର ଲକ୍ଷ ଲକ୍ଷ ପରିବାରକୁ ସମ୍ପୂର୍ଣ୍ଣ ଉଜାଡ଼ି ଦେବ ବୋଲି ରିପୋର୍ଟରେ ଚେତାବନୀ ଦିଆଯାଇଛି । ଆର୍ଥିକ ସଂକଟର ସବୁଠାରୁ ବଡ଼ ପ୍ରଭାବ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ପଡ଼ିଛି । ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫ରେ ଶିକ୍ଷା ଉପରେ ସରକାରୀ ଖର୍ଚ୍ଚ ୨୩% ହ୍ରାସ ପାଇ ୯୬୨ ଅରବ ପାକିସ୍ତାନୀ ଟଙ୍କା ରହିଯାଇଛି । ଶିକ୍ଷା ଉପରେ ହେଉଥିବା ମୋଟ୍ ଖର୍ଚ୍ଚ ଦେଶର ମୋଟ ଜିଡିପିର ମାତ୍ର ୦.୮%, ଯାହା ପାକିସ୍ତାନ ଇତିହାସରେ ସବୁଠାରୁ ସର୍ବନିମ୍ନ ସ୍ତର। ଆଜି ବି ପାକିସ୍ତାନର ଅନେକ ସ୍କୁଲରେ ପାନୀୟ ଜଳ ଓ ଶୌଚାଳୟ ଭଳି ପ୍ରାଥମିକ ସୁବିଧା ନାହିଁ । ଲକ୍ଷ ଲକ୍ଷ ପିଲା ସ୍କୁଲ ଯାଉନାହାନ୍ତି ଏବଂ ମହିଳା ସାକ୍ଷରତା ହାର ମଧ୍ୟ ଅତ୍ୟନ୍ତ ନିରାଶାଜନକ ରହିଛି । ସରକାରୀ ରିପୋର୍ଟରେ ସ୍ପଷ୍ଟ କୁହାଯାଇଛି ଯେ, ଯଦି ପାକିସ୍ତାନକୁ ଗରିବୀ ହଟାଇବାକୁ ହେବ, ତେବେ ଶିକ୍ଷା କ୍ଷେତ୍ରରେ ପୁଞ୍ଜିନିବେଶ ଓ ବ୍ୟାପକ ସୁଧାର ଆଣିବା ଜରୁରୀ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମାନବିକତା

ଶ୍ରଦ୍ଧେୟ ଭକ୍ତବୃନ୍ଦ ଆଜି ଆଉ ମନୁଷ୍ୟ ଭିତରେ ମଣିଷ ପଣିଆ ନାହିଁକି ମନୁଷ୍ୟତା ନାହିଁ । ଏହାହିଁ ପ୍ରଳୟର ସୂଚନା । ଗୁରୁ ଦାୟିତ୍ୱ ବୋଲି ଟିକିଏ ହେଲେ ଶିଷ୍ୟ ପାଖରେ ନାହିଁ । ସମସ୍ତେ ହୃଦୟ ହୀନ, ଦୁରାଚାରୀ, ଭ୍ରଷ୍ଟାଚାରୀ, ସଂଯମତା, ଦୃଢ ନିଷ୍ଠା ସମାଜରୁ ଉଭେଇ ଗଲାଣି । ସତ୍ କର୍ମ କରି ସମାଜକୁ ଦେଖାଇବା ଧୃତରାଷ୍ଟ୍ରକୁ ଦେଖାଇଲା ପରି ଲାଗୁଛି । ତେଣୁ କାହାକୁ କହିବି କିଏ ସେ ଶୁଣିବ । ତୁମ୍ଭ ବିନା ପ୍ରଭୁ କିଏ ସେ ରଖିବ । ଏହି ଉକ୍ତିଟିକୁ ଜଗତ ଗୁରୁ ଠାକୁର ଅଭିରାମ ପରମହଂସ ତାଙ୍କର ବ୍ୟାକୁଳିତ ହୃଦୟରେ ଭଗବାନଙ୍କୁ ଜଣାଉଥିଲେ । ଏବଂ ସେ ସେତେବେଳେ ଜାଣିଥିଲେ ଯେ କାହା ଉପରେ ନିର୍ଭର କରିବା ଏକ ମାରାତ୍ମକ ଭୂଲ । ତେଣୁ ଜଗତବାସୀଙ୍କୁ ଏବଂ ନିଜର ଶିଷ୍ୟମାନଙ୍କୁ ସଦା ସର୍ବଦା ଚେତାଇ ଦେବା ପାଇଁ ସେ ଏହି ଉକ୍ତିଟିକୁ ଲେଖିଦେଇଯାଇଛନ୍ତି । ତଥାପି ଏ ମନୁଷ୍ୟର ଖାତିରି ନାହିଁ । ବର୍ତ୍ତମାନ ଏ ସଂସାରରେ ଏକ ମାନସିକ ବ୍ୟାଧି ସଂସାର ଠାର ସମାଜପର୍ଯ୍ୟନ୍ତ ମାଡି ଗଲାଣି । ଏହାକୁ ସଜାଡିବା କଷ୍ଟକର ବ୍ୟାପାର ହୋଇପଡିଲାଣି । ଆଶ୍ରମରେ ହେଉ କିମ୍ବା ମନ୍ଦରିରେ ହେଉ କି ସମାଜରେ ହେଉ ଭ୍ରଷ୍ଟାଚାର ସବୁଆଡେ, ଦାୟିତ୍ୱବାନ କେହି ନୁହଁନ୍ତି । ତେଣୁ ସୁଧିଜନ କର୍ମ କରିବା ପୂର୍ବରୁ ଟିକେ ଭାବି ଦେଖ ଯେତିକି ପାରିବ ଯତ୍ନ ସହକାରେ ସେତିକି କର । ନା ତୁମକୁ କଷ୍ଟ ହେବନା ଅନ୍ୟକୁ କଷ୍ଟ ହେବ । ଭାବି ଚିନ୍ତି ଈଶ୍ୱରଙ୍କ ଉପରେ ଲୟ ରଖି କର୍ମ କରି ଚାଲ । ଆଉ ସବୁ ଈଶ୍ୱରଙ୍କ ଉପରେ ଛାଡିଦେଲେ ଚଳିବ ନାହିଁ । ◆◆

# ବରଷକେ ଥରେ ଆସିଛି ରଜ



ଡକ୍ଟର ସର୍ବେଶ୍ୱର ସେଣ

ସା/ପୋ: ପୁରୁଷୋତ୍ତମପୁର

କେନ୍ଦ୍ରାପଡ଼ା - ୭୫୪୨୧୩

ମୋ: ୯୪୩୭୦୮୮୦୩୯



ମୌସୁମୀ ରାଜାଙ୍କ ଧରାବତରଣ। ମେଘଘୋଡ଼ିଆ ଆକାଶ। ଆସିଛି ଛପଳଛନ୍ଦା ବରଷାରାଣୀ, ମୁଣ୍ଡରେ ଟାଣି କଳା ଓଢ଼ଣୀ। ପାଦରେ ପାଉଁଜି, ନାଚୁଛି ବେସୁରା ଛନ୍ଦରେ, ପାହାଡ଼ ଚୂଡ଼ାରେ, ନଇ ସେପାରି ଗାଁରେ, ନୂଆଣିଆ ଚାଳ ମଥାନ ଉପରେ, ଅଗନା ଅଗନି ବନସ୍ତରେ, ପାହାଡ଼ି ଝରଣା ବୁକୁରେ, ସାଗର ବେଳାଭୂମିରେ। ସିକ୍ତା ବସୁମାତା, ହୋଇଛନ୍ତି ରଜସ୍ୱଳା। ଭିଜାମାଟିର ମହକ, ଘାସର ସବୁଜ ଗାଲିଚା, ଚାଲିଛନ୍ତି ଲାଲ ଟୁକୁଟୁକୁ ସାଧବବୋହୂ। ସାରୁବୁଦା ମୂଳେ ବେଙ୍ଗ ବେଙ୍ଗୁଲୀଙ୍କର ରସ-କେଳି-ବିଳାସ। ବାଉଁଶ ବଣରେ ଡାହୁକର ତୁହାକୁ ତୁହା ଡାକ। ମାର୍ଜାର ରବ- ସର୍ବତ୍ର କାମୋଦ୍ଦୀପକ ପରିବେଶ। ଭରାନଈ। ଭାରାମନ ନେଇ ଫେରୁଛି ଦୂର ବିଦେଶୀ। ବାଟ ଚାହିଁ ବସିଛି ପ୍ରଣୟିନୀ। ଚାଲିଛି ରଜ-ସଜ-ବାଜ। ମନ ଉଚ୍ଚାଟ। ରଜବତୀ ମା' ଧରିତ୍ରୀଙ୍କ ପାଇଁ ତିନିଦିନ ବିଶ୍ରାମ। ଚାଷବାସ, ବେଉଷଣ ସବୁ ବନ୍ଦ। ଚଷାପୁଅର ବି ତିନିଦିନ କାମଧନ୍ଦା ବନ୍ଦ। ଆବାଳ ବୃଦ୍ଧ ବନିତା; ସମସ୍ତେ ରଜ ମଉଜ ପାଇଁ ପ୍ରସ୍ତୁତ। ଟୁପୁରୁଟାପୁରୁ ବରଷା। ଗହନ ବନରୁ ଶୁଭୁଛି ଗଜରାଜଙ୍କ ଡାକ। ଏଣେ ପଲ୍ଲୀ ଲଳନାଟି ଗାଉଛି - "ବନସ୍ତେ ଡାକିଲା ଗଜ, ବନସ୍ତେ ଡାକିଲା ଗଜ / ବରଷକେ ଥରେ ଆସିଛି ରଜ, ଆସିଛି ରଜ / ବଉଳଲୋ ! ଘେନି ନୂଆ ସଜବାଜ।" ଆଉ କବି ବିଭୋର ହୋଇ ଗାଇଛନ୍ତି - "ମେଘ ବରଷିଲା ଟୁପୁର ଟୁପୁର କେସୂର ମାଇଲା ଗଜା / କେଉଁ ରାଇଜରେ ରହିଲେ ମୋ ରାଜା / ତେଲିଙ୍ଗି ବାଇଦ ବଜା।" ଗୀତ ସହ ତାଳ ଦଉଛି ମେଘ ଡମ୍ବରୁର ଡିକିଡିକି ନାଦ, ନାଚୁଛି ବିଜୁଳି, ଆନନ୍ଦ ଉଲ୍ଲାସରେ ହଜିମଜି ଯାଇଛି ଜନଜୀବନ। ବରଷକେ ଥରେ ପରା ଆସିଛି ରଜ !

କୃଷି ଭିତ୍ତିକ ରଜପର୍ବ, ଏଥିରେ କୌଣସି ଦେବାଦେବୀଙ୍କ ଉପାସନା - ପରମ୍ପରା ନାହିଁ। ତଥାପି ଏଇଟି ଗଣପର୍ବ। ଏହାର ଅବଧି ମୋଟାମୋଟି ପାଞ୍ଚଦିନ। ରଜ ପୂର୍ବ ଦିନ ସଜବାଜ। ମସଲାବଟା କଟା, ଦାନ୍ତକାଠି ସଂଗ୍ରହ ସବୁ ତିନିଦିନ ପାଇଁ। ବିଶେଷ ଧ୍ୟାନ ପୋଡ଼ପିଠାରେ। ଜ୍ୟେଷ୍ଠ ଶେଷ ଦିନ ପହିଲି ରଜ। ଆଦ୍ୟ ଆଷାଢ଼ (ମିଥୁନ ପ୍ରଥମ ଦିନ) ରଜ ସଂକ୍ରାନ୍ତି। ଏହିଦିନ ଧରଣୀମାତା ରଜସ୍ୱଳା ହୁଅନ୍ତି। ମିଥୁନ ଦୁଇଦିନ ଭୂମିଦହନ / ଭିନଅଣ। ତା' ପରଦିନ ସବୁମାତୀ ସ୍ନାନ। ରଜ ତିନିଦିନକୁ କୁମାରୀମାନେ ନିଷ୍ଠାର ସହ ପାଳନ କରନ୍ତି। ସେମାନଙ୍କୁ ଖାଲିପାଦରେ ଚାଲିବା ମନା। କାହା ପାଦରେ ଗୁଆ ଖୋଳପା ତ କାହା ପାଦରେ କଦଳୀ ବାସୁଙ୍ଗା। ଥିରିଥିରି ଚାଲି। ରଜଦୋଳି ଗୀତରେ ଏକଥାଟି ପ୍ରତିଫଳିତ - "ଭୂମି ହେଲା ରଜବତୀ/ ମାଟିକି ହାଣିଲେ ଫାଟେ ଛାତି / ବଉଳ ଲୋ ସେ ତ ମା' ବସୁମତୀ / ମାନିଥିବୁ ରଜବିଧି, ମାନିଥିବୁ ରଜବିଧି / ଚାଲିବୁ କଦଳୀ ବାହୁଙ୍ଗା ବାନ୍ଧି / ବାହୁଙ୍ଗା ବାନ୍ଧି ବଉଳରେ ! ଗୁଆ ଖୋଳପାକୁ ପିନ୍ଧି, ବଉଳଲୋ !" ନଦୀରେ ସ୍ନାନ, ତା' ପର ଦି' ଦିନ ସ୍ନାନ ସେମାନଙ୍କୁ ବାରଣ। ରଜ ତିନିଦିନ ନବବସ୍ତ୍ର ପରିଧାନ କରନ୍ତି। ଗହଣା ଗଣ୍ଠିରେ ସଜେଇ ହୁଅନ୍ତି। ହସ ଖୁସିରେ ମଜି ହଜିଯାଆନ୍ତି। ଏ କଥାଟି ଉଣା ଅଧିକେ ଲୋକ ଗୀତରେ ସ୍ଥାନିତ - "ଗାଧେଇ ଅଇଲି, ଗାଧେଇ ଅଇଲି / ଛଡ଼ାଇ ଅଇଳିମଳି / ନାକଫୁଲ ଗୁଣା ହଜାଇ ଆଇଲି / ପିନ୍ଧିଲି ଗଜରା ମାଳି, ବଉଳଲୋ ! ପିନ୍ଧିଲି ଗଜରା ମାଳି।" ପାଚିଲା ଭଇଁଚ କୋଳି, ବେକରେ ନାଇଚୁ ଗଜରାମାଳୀ, ଗଜରାମାଳୀ ଲୋ / ଝୁଲାଇ ରଜର ଦୋଳି / ସଜନୀ ଲୋ ଝୁଲାଇ ରଜର ଦୋଳି ।"- ଇତ୍ୟାଦି।

ରଜ ପର୍ବ ବହୁତ ପ୍ରାଚୀନ। ଏହା ପଛରେ ଐତିହାସିକ କାରଣଟେ ନିହିତ। ନନ୍ଦ ରାଜବଂଶ ଶାସନ କାଳରେ ରଜର ଆଧୁନିକ ସ୍ୱରୂପ ପ୍ରକାଶିତ ହେଲା। ରାଜା ମହାପଦ୍ମନନ୍ଦ କୃଷିଭିତ୍ତିକ ଅର୍ଥନୀତି ଉପରେ ଗୁରୁତ୍ୱ ଦେଲେ। ପୋଡୁଚାଷକୁ ଆଧୁନିକ କରଣ କରାଗଲା। କୃଷି ଉପଯୋଗୀ ଭୂମି ପ୍ରସ୍ତୁତ ହେଲା। ଖାଲି ସମୟରେ ରଜପର୍ବ ପାଳିତ ହେଲା। ଝିଅବୋହୂମାନେ ପୂର୍ଣ୍ଣ ବିଶ୍ରାମ ନେଲେ। ଓଡ଼ିଶାର ବଣ୍ଡା, ଧରୁଆ, ସଅରମାନଙ୍କ ପୋଡୁଚାଷ ସହିତ ରଜପର୍ବ ସମ୍ବନ୍ଧିତ। ଏଇ ଜନଜାତିମାନେ ଜଙ୍ଗଲ ପୋଡ଼ନ୍ତି, ପାଉଁଶକୁ ଜମିରେ ବିଛାନ୍ତି। ଆସେ ପହିଲି ଆଷାଢ଼। ଅଙ୍କୁରୋଦ୍‌ଗମ ଘଟେ। ଧରିତ୍ରୀକୁ ବିଶ୍ରାମ ଦିଆଯାଏ, ଫୁଲ, ଫଳ ଛିଣ୍ଡେଇବା ନିଷିଦ୍ଧ, ଉଭୟ ନାରୀ ପୁରୁଷ ନୃତ୍ୟଗୀତରେ ବିଭୋର ହୁଅନ୍ତି। ସମୟ କ୍ରମେ ଏ ଚଳଣୀ ସମାଜ ମଧ୍ୟକୁ ପ୍ରବେଶ କରିଥିଲା। ସାରା ଓଡ଼ିଶାର ଏହି ପର୍ବ ବିଖ୍ୟାତ। ମାତ୍ର କଟକ, ପୁରୀ, ବାଲେଶ୍ୱର; ଏଇ ତିନିଟି ଉପକୂଳ ଜିଲ୍ଲା ରଜ ମହୋତ୍ସବ ପାଇଁ ପ୍ରସିଦ୍ଧ।

ପହିଲି ରଜ, ଜାଙ୍ଗୁଲ, ଜାଙ୍ଗୁଲ ରାତି ପାହିଆସେ। ଦୂର ଆମ୍ବତୋଟା ଗହଳରୁ କୁମ୍ଭାଟୁଆ ଡାକେ, ଡାମରା କା' କା' ରେ ନିଦଭାଙ୍ଗେ। ମଲ୍ଲୀ, ଚମ୍ପା, ବଉଳ, କୁନ୍ଦ - ସ୍ନାନରୁ ଫେରନ୍ତି। ସଜବାଜ ସରେ। ପାଦରେ ହେଙ୍ଗୁ ଅଳତା, ମୁଣ୍ଡରେ ଚନ୍ଦନ ଟିପା, ରଙ୍ଗବେରଙ୍ଗର ପୋଷାକ; ଗାଁ ବୁଲିଯାଆନ୍ତି ଝିଅବୋହୂ। କିଏ ପରସି ଦିଏ ନବାତ, ଛେନା, ଗୁଡ଼, ନଡ଼ିଆ, ଛେନା କର୍ପୂର ମରିଚ ଦିଆ ପୋଡ଼ପିଠା, କିଏ ଭାଙ୍ଗି ବଢ଼େଇ ଦିଏ ରଜ ପାନ ଖିଲେ। ମହମହ ମହକୁଥାଏ, କିଆ କେତକୀ ଖଇର, ଲବଙ୍ଗ ଗୁଜୁରାତି ଦିଆ ବିଡ଼ିଆ ପାନ। ପୋଡ଼ପିଠା, ରଜ ମିଠାପାନ - ଏ ଦୁଇଟି ଅନନ୍ୟ ଆକର୍ଷଣ। ରଜରେ ବିବାହିତାଙ୍କ ଝିଅଘରୁ ଆସେ ରଜଭାର, ଏଇଟି ଏକ ସ୍ୱତନ୍ତ୍ର ପରମ୍ପରା। ଆମ୍ବ, ପଣସ, କଦଳୀ, ନଡ଼ିଆ ଭାର; ଗୁଡ଼ିଆ ଗୁଡ଼ିଆ ନାଲି ଉଖୁଡ଼ା, ତା' ସହିତ କରଞ୍ଜି, ନିମିକି, ଲବଙ୍ଗୀ। ଗୃହକର୍ତ୍ତା ସାଇପଡ଼ିଶା, ବନ୍ଧୁବାନ୍ଧବ ଘରକୁ କିଛିକିଛି ପଠାଏ, ଦିଆ ନିଆ, ଭାବଲାଭ, ସଂପ୍ରୀତି, ଉଦ୍‌ଭାବନା ବଢ଼େ, ଆତ୍ମୀୟତା ସୁଦୃଢ଼ ହୁଏ। ପାଚିଲା ଆମ୍ବ, ପଣସ, କଦଳୀ, ସପୁରୀ ରଜର ଆକର୍ଷଣ। ଏ କଥାଟି ଲୋକଗୀତରେ ସ୍ଥାନିତ - "ପଣସ ପାଚିଲା ବନେ, ପଣସ ପାଚିଲା ବନେ / ବନ ପୋଡ଼ିଗଲେ ଦୁନିଆ ଜାଣେ / ଦୁନିଆ ଜାଣେଲୋ / ମନ କଥା କିଏ ଜାଣେ, ବଉଳ ଲୋ ! ମନ କଥା କିଏ ଜାଣେ।" ପାଚିଲା ପଣସ ଆମ୍ବ, ପାଚିଲା ପଣସ ଆମ୍ବ ପରଖି ନକରୁ ଯାହାଠି ଭାବ, ଯାହାଠି ଭାବ / ସେ ତ ଦିନେ ଦଗା ଦବ ବଉଳଲୋ ! ସେ ତ ଦିନେ ଦଗା ଦେବ।"

କୁମାରୀ ମାନଙ୍କର 'ରଜଦୋଳି' ମୁଖ୍ୟ ଆକର୍ଷଣ। ଗାଁ ମୁଣ୍ଡ ଆମ୍ବତୋଟା ଅବା ଝଙ୍କା ବରଗଛ, 'ରଜଦୋଳି' ଝୁଲେ। ଏ ଦୋଳି ପୁଣି ଜାତି ଜାତିର; ରାମଦୋଳି, ଚକ୍ରୀଦୋଳି, ପଟା ଦୋଳି, ଦାଣ୍ଡି ଦୋଳି। ରଜ ତିନିଦିନ ଝିଅବୋହୂ ଦୋଳି ଖେଳନ୍ତି; ସାଙ୍ଗରେ ଥାଆନ୍ତି ଭେଣ୍ଡିଆ ଯୁବା, ସାନ ସାନ ପିଲେ। ଦୋଳିରେ ଝୁଲୁଝୁଲୁ ଦୋଳିଗୀତ ଗାଆନ୍ତି। ଚାଲେ ଚଢ଼ା ଉତ୍ତାର, ଭାରି ରସରସିଆ ମଧୁରିଆ ରଜଦୋଳି ଗୀତ। ଏଥିରେ ଭରପୁର ରଜ-ପ୍ରଥା-ପରମ୍ପରା କଥା, ସାମାଜିକତା, ନାରୀ ମନସ୍ତତ୍ତ୍ୱ, ଆଉ ଶୃଙ୍ଗାରିକତା। କେଉଁ କୁଆଁରୀଟି ଗାଏ, "ରଜଦୋଳି ଲାଗିଲାଣି ଖେଳିବାକୁ ଯିବା ସାଙ୍ଗ ଭଉଣୀ / ବଉଳଲୋ !/ ଏଣେ ବେଳ ଉଚ୍ଛୁର ହେଲାଣି, ବଉଳ ଲୋ ! ଚାଲେ ଦୋଳି ଖେଳ, ଝୁଲୁଝୁଲୁ କିଏ ଗାଇଯାଏ - "ଦୋଳି ଛୁଇଁ ଯାଏ ଡାଳ, ଦୋଳି ଛୁଇଁ ଯାଏ ଡାଳ / ପରଦେଶୀ ପ୍ରେମ ସାଜଇ କାଳ, ବଉଳଲୋ ! / କାନ୍ଦିକାନ୍ଦି ଯାଏ ବେଳ।" ରଜ ଦୋଳି କଟମଟ / ମୋ ଭାଇ ମୁଣ୍ଡେ ସୁନା ମୁକୁଟ ବଉଳଲୋ ! / କରୁଥାଏ ଝଟଝଟ।" ଦୋଳି ଗୀତରେ ନଣନ୍ଦ ଭାଉଜଙ୍କ ହାସ ପରିହାସ- "ପିତା ଶାଗ ବୁଦି ବୁଦି, ପିତାଶାଗ ବୁଦିବୁଦି / ଭାଇ କାହାସାଙ୍ଗେ କଲା ପୀରତି / କଲା ପୀରତି / ହାତୁ ଦେଇ ସୁନାମୁଦି।" ଆଉ କେଉଁ ଗୀତରେ ଥାଏ ନାରୀ ମନ ଗହନର ଗୋପନ କଥା, ପ୍ରେମପ୍ରୀତିର ସ୍ୱର୍ଗୀୟ ଅନୁଭବ। ତା' ସହ ଦଗାଦିଆ ପ୍ରେମିକ ପ୍ରସଙ୍ଗ - ନଈକି ମାଇଲି ଗିଲ, ନଈକି ମାଇଲି ଗିଲ / ସଙ୍ଗାତୁଣୀ ନଈକି ମାଇଲି ଗିଲ / କେତେ ରଙ୍ଗ ଦେଖାଉ ଦିଅର ଟୋକାରେ, ଦିଅର ଟୋକାରେ / ଭାଙ୍ଗି ନାହିଁ ଦୁଧୁ ଗାଲ / ଶଙ୍ଖ ମଲମଲ ଗିନା, ଶଙ୍ଖ ମଲମଲ ଗିନା / ଦରଦ ବୁଝେ ଦରଦୀ ସିନା / ଦରଦୀ ସିନା ଲୋ / ବଣିଆ ଚିହ୍ନେଟି ସୁନା। ଗୋଲାପ ଗଛର କଣ୍ଟା, ଗୋଲାପ ଗଛର କଣ୍ଟା / ଭାରି ଭଲ ଲାଗେ ଭିଣୋଇ ଥଟ୍ଟାଲୋ, ଭିଣୋଇ ଥଟ୍ଟା, କରୁ ପଛେ ହଟହଟା, ବଉଳ ଲୋ / କରୁ ପଛେ ହଟହଟା।" ଆଉ କିଏ ଗାଏ ବିରହିଣୀର ମନ କଥା- "ଖଟ ତଳେ ଗଲା ବିଛା, ଖଟ ତଳେ ଗଲା ବିଛା / କାନ୍ତ ଯାଇଛନ୍ତି ବିଦେଶ କରି, ବଉଳଲୋ !/ ପଲଙ୍କ ପଡ଼ିଛି ତୁଚ୍ଛା। ମଦରଙ୍ଗା ଶାଗ ରାଇତା, ମଦରଙ୍ଗା ଶାଗ ରାଇତା / ମୋର କଳା ମଚମଚ ଘଇତା / ଏଗୋଡ଼ ଖସିଲା, ସେ ଗୋଡ଼ ଖସିଲା ବଉଳଲୋ / ଟୋକା ଦିଅର ମୋ ଗମ୍ଭିରୀ ଘରେ ମୁଚୁମୁଚୁ କରି ହସିଲା। ଦୋଳି ଗୀତରେ ଭରପୂର ହେଉଛି ଗ୍ରାମ୍ୟ କିଶୋରୀର ଉଛୁଳା ପ୍ରେମ କାହାଣୀ, କୁଳ ବଧୁଙ୍କର ସୁଖ, ଦୁଃଖ, ବ୍ୟଥା ବେଦନାର କଥାଗାଥା। ଏଥିରେ ନାହିଁ ବୌଦ୍ଧିକତା, ହେଲେ ଶ୍ରୋତାପଣକୁ ଚହଲେଇ ଦିଏ, ଭେଦି ଯାଏ ମର୍ମସ୍ଥଳକୁ। ଗାଁ ମୁଣ୍ଡ ଦଣ୍ଡା, ନଈପଠାରେ ଚାଲେ କବାଡ଼ି ଖେଳ, ଗାଁ ଭେଣ୍ଡିଆଏ ଏକଜୁଟ୍। ବାଜେ ବାଗୁଡ଼ିବାଜା, ବାଜିଥାଏ ଖାସି ଅବା କଦଳୀ କାନ୍ଦୀ। ଆଉ କିଏ ଚଉପାଢ଼ିରେ ବସି ଖେଳନ୍ତି ପଶା, ଲୁଡୁ, ତାସ, ଆଉ ଭୁଆସୁଣୀମାନେ ଲୁଡୁ, କଉଡ଼ି। ଏ ଖେଳ ଚାଲେ ଢେର୍ ଡେରିଯାଏ। ସମବୟସ୍କମାନେ ମଜି ରହନ୍ତି। ରାତି ଘନେଇଆସେ କେଉଁଠି ଗୋଟିପୁଅ ନାଚ, ବାଦୀପାଲା, ଦାସକାଠିଆ, ଅବା ଦଣ୍ଡନାଚ। ସରସିଯାଏ ରଜ ତିନିଦିନ। ସରି ସରି ଆସେ ରଜ ମଉଜ, ରାତି ପାହିଆସେ। ଆରମ୍ଭ ହୁଏ ବାସୁମତୀ ସ୍ନାନ, ଗାଁ ଠାକୁରାଣୀ ମାର୍ଜନା। ସଦ୍ୟ ସ୍ନାନ ସାରି କୁଳବଧୂ ମା' ବସୁଧାଙ୍କୁ ପୂଜାର୍ଚ୍ଚନା କରନ୍ତି। ପିଢ଼ା ଉପରେ କଜଳପାତି, ହଳଦୀ, କପା, ଗୁଆ, ଶିଳପୁଆ ଥାପି ଦିଅନ୍ତି। ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରନ୍ତି। ଗ୍ରାମଦେବତୀଙ୍କୁ ମାଜଣା କରାଯାଏ। ମା'ଙ୍କୁ ତୂଆ, ଚନ୍ଦନରେ ସ୍ନାନ କରାନ୍ତି ପୂଜାରୀ, ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ପିଠାପଣା ନୈବେଦ୍ୟ ହୁଏ। ମା'ଙ୍କ ପାଦୁକା ଗ୍ରାମବାସୀ ପାଆନ୍ତି, କୃଷି ଉପକରଣରେ ସିଞ୍ଚନ କରନ୍ତି, ବରଷକର ଶୁଭ ମନାସନ୍ତି ମା'ଙ୍କ ନିକଟରେ। ସରିଯାଏ ରଜ ଅବଧି। ଏଣିକି ଘରମୁହାଁ ରଜ, ପୁନଶ୍ଚ ଅପେକ୍ଷା ଆରସନକୁ।

ସମୟର ଚକ ଘୂରୁଛି, କେତେକେତେ ପରିବର୍ତ୍ତନ, ଶିକ୍ଷା, ସଂସ୍କାର, ସଂସ୍କୃତି ପ୍ରତିଟିରେ ନୂତନତାର ସ୍ପର୍ଶ। ଏଇଟି ସ୍ୱାଗତଯୋଗ୍ୟ; ମାତ୍ର ସାଂସ୍କୃତିକ ଅବକ୍ଷୟ ଗୋଟେ ଜାତିର ବିଲକ୍ଷଣ। ଏ ପରିପ୍ରେକ୍ଷୀ ରଜ-ସଜବାଜ-ମଉଜ କଥା ବିଚାର୍ଯ୍ୟ। ଦିନେ ରଜ ଥିଲା ବହୁ ପ୍ରତିକ୍ଷିତ; ଏବେ ସତେ ଯେମିତି ଅଖୋଜା, ଅଲୋଡ଼ା। ମୁଖ୍ୟତଃ କୁମାରୀମାନଙ୍କର ଏ ପର୍ବ। ହେଲେ ସେମାନଙ୍କର ମନ ଏଥିରେ ଆଉ ନାହିଁ, କେବଳ ନବବସ୍ତ୍ର ପରିଧାନରେ ଏହା ସୀମିତ। ରଜଦୋଳି ଗୀତ ଏବେ ସପନର ସପନ, କାଁ ଭାଁ କାନରେ ପଡ଼େ। ଦଣ୍ଡା, ଗୋହିରୀ, ଗୋଚର ଆଉ ବାଡ଼ି ଗୁଡ଼ିବାର ଗୁନେ ନାହିଁ, ରଜ ବାଗୁଡ଼ି କାହୁଁ ଆସିବ। ଦଣ୍ଡା ବରଗଛ, ଗହଳିଆ ଆମ୍ବତୋଟା, ଏବେ ଆଖିରେ ପଡ଼େନା, ରଜଦୋଳି ବା କେମିତି ଲାଗିବ? ରସରସିଆ ମନ ମୋହକିଆ ରଜଗୀତ; ଆମ କୁମାରୀମାନେ ଗାଆନ୍ତିନି, ଏଇଟା କୁଆଡ଼େ ପୁରୁଣାକାଳିଆ ରୁଚି। ଆଧୁନିକଙ୍କର ନାପସନ୍ଦ। ବାକି ତାସ, ଲୁଡୁ, ପଶା ଖେଳ ଯାହା; ସେଥିରେ ପୁଣି ଟଙ୍କା ବାଜି ଲଗାଲଗି, କଳି ତକରାଳ। ଖେଳୁଆଡ଼ ମନୋଭାବ ଘରେ ଶୂନ। ରଜ ତିନିଦିନ ଯାକ ଖାସୀ, କୁକୁଡ଼ା ବଧ, ରକ୍ତର ସୁଅ ରାସ୍ତାକଡ଼ରେ, ଗାଁରେ ଗାଁରେ, ଆମିଷ ଖିଆ - ଏଇଟି ଏବେ ରଜର ସାରମର୍ମ। ଆଉ ଗଜଙ୍କ ଡାକ, ଏତ ଲଙ୍କାରେ ହରିଶଦ୍ଦ, ନିତି ଗଜରାଜଙ୍କ ନିଧନ।

ଚଇତି ଘୋଡ଼ା, ଗୋଟିପୁଅ ନାଚ, ଆଉ ଆଉ ଲୋକନୃତ୍ୟଗୀତ ନାହିଁ, ତା' ଜାଗାରେ ରେକର୍ଡ଼ ଡ୍ୟାନ୍ସ, ଯୁବକ ଯୁବତୀ ନାଚନ୍ତି କେତେ ଛଇ ଛଟକରେ। ଏବେ 'ରଜ' ଠା ନେଲାଣି 'ରଜୋ'। ଏମିତି ବିକୃତ ଲିଖନ - କାହା ଦିହ ଅବା ସହିବ ଭଲା ! ଓଡ଼ିଆଏ ବସି ଭାବନ୍ତୁ, ରକ୍ଷା କରନ୍ତୁ ଆପଣାର ମାନସମ୍ମାନ, ଭାଷାର ଟେକ ବଜାୟ ରହୁ। ସବୁ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ଆସେ ରଜ, ଏସନ, ହଜି ଥାଉ ପଛେ ତା'ର ମହକ ଟିକକ। ରଜ ହିଁ ରଜ - "ବାଉଁଶ ମାଇଲା ଗଜା, ବାଉଁଶ ମାଇଲା ମଜା / ପରବ ଭିତରେ ରଜ ତ ରାଜା ଲୋ/ ଆସ ମନେଇବା ମଜା / ବଉଳଲୋ ! ଆସ ମନେଇବା ମଜା।" ସମୟ ସୁଅରେ ଭାସି ଯାଇଛି ରଜ ପରମ୍ପରା। କବିଟି ଦୁଃଖରେ ଗାଇଛନ୍ତି - "ଆଜି କଥା ପୁଣି ନାହିଁ ତ କାଲିକି / ଘଡ଼ିକି ଘଡ଼ିଏ ହେଉଛି ଆନ / ଜଗତ ବେଭାର ବୁଝିବା କଠିନ / ସବୁ ଯିବ ଚାଲି ଜାଣିନ ଜାଣ।" ତଥାପି "ଯାଆରେ ମନଦୋଳି ଉଡ଼ିଯା, ଯା'ରେ ମନ ଦୋଳି ଉଡ଼ିଯା, ବସୁମତୀ ମା' ଶରଧା କଥା ମେଘଦେଶେ କହି ଆ' / ଯା'ରେ ମନ ଦୋଳି ଉଡ଼ିଯା।" ଆସନ୍ତୁ ନା' ମିଳିମିଶି ରଜ ମୁହଁରେ ମାଖି ଦେବା ମଲ୍ଲୀ ମହକ, ଗଭାରେ ପିନ୍ଧେଇ ଦବା ବଉଳ ଫୁଲର ଗଜରା, ରେଡ଼ିଓ ଟିଭି ନୁହେଁ, ଆମେ କୁମାରୀ କନ୍ୟାଏ ଶୁଣାଇବେ ରଜଦୋଳୀ ଗୀତ - ବନସ୍ତେ ଡାକଇ ଗଜ...

# ମାଗୁଣି ମହାପାତ୍ରଙ୍କ "ରଜଦୋଳିଗୀତ"ର ଏକ ମାର୍ମିକ ଅନୁଶୀଳନ



ପବିତ୍ର ମୋହନ ବାରିକ

ଅଧ୍ୟାପକ, ଇତିହାସ ବିଭାଗ

ମଦନପୁର,

ମୋ-୮୮୯୫୧୯୦୪୭୫

ଆଜକୁ ୭୪ବର୍ଷ ପୂର୍ବେ ଅର୍ଥାତ୍ ୧୯୫୨ମସିହାରେ "ରେର୍କଡରଜ ରଜ ଦୋଳି ଗୀତ"ନାମରେ ଏକ କ୍ଷୁଦ୍ର ପକେଟ ପୁସ୍ତିକା ପ୍ରକାଶିତ ହୋଇଥିଲା । ଅବିଭକ୍ତ ପୁରୀ ଜିଲ୍ଲାର ନୟାଗଡ ଅନ୍ତର୍ଗତ ବୋଦାପଡା ଗ୍ରାମର ଶ୍ରୀ ମାଗୁଣି ମହାପାତ୍ର ଉକ୍ତ ପୁସ୍ତକର ପ୍ରକାଶକ ଓ ଲେଖକ । ବ୍ରହ୍ମପୁରର ରାଧାକୃଷ୍ଣ ପ୍ରେସରେ ମଙ୍ଗୁଲୁ ସାହୁଙ୍କ ଦ୍ୱାରା ମୁଦ୍ରିତ ହୋଇଥିଲା। ଉକ୍ତ ପୁସ୍ତିକା ପୁସ୍ତକଟି ସାତ ପୃଷ୍ଠାରେ ସୀମାବଦ୍ଧ ହୋଇଛି । ଏଥିରେ ସର୍ବମୋଟ ୩୮ଟି ପଦ ରହିଛି। ତତ୍‌କାଳୀନ ସମୟରେ ଏହି ପୁସ୍ତକର ମୂଲ୍ୟ ଥିଲା ୬ପଇସା। ଏହି ରଜ ଦୋଳି ଗୀତ ପୁସ୍ତକ ମଧ୍ୟରେ କବି ଓଡିଶାର ଗୌରବମୟ ସଂସ୍କୃତି ଓ ପରମ୍ପରାର ଏକ ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି । କବିଙ୍କର ଏହି ରଜଦୋଳି ଗୀତ ପୁସ୍ତକରେ ଅଛି ଭାବ, ଭକ୍ତି, ପ୍ରେମ, ପ୍ରଣୟ, ବିରହ, ବିଛେଦ, ଟାହି-ଟାପରା ଓ ବ୍ୟଙ୍ଗ ସହିତ ବାସ୍ତବ ସାମାଜିକ ଚିତ୍ର । ଗ୍ରାମ୍ୟ ସଂସ୍କୃତିର ଜୀବନ ଜୀବିକା ଠାରୁ ଆରମ୍ଭ କରି ସାମାଜିକ ମୂଲ୍ୟବୋଧ ଓ ସୌହାର୍ଦ୍ଦ୍ୟର ସୁନ୍ଦର ଚିତ୍ର ଆଙ୍କିଛନ୍ତି ନିଜ ରଚନାରେ । ନାରୀ ଭାବନା ଓ କୁମାରୀ ମନର ଆବେଗକୁ ସେ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି । ରଜପର୍ବ ଓ ଦୋଳିଗୀତ ନାରୀ ମନକୁ ନେଇ ସମୃଦ୍ଧ । ନାରୀ ସୃଷ୍ଟିର ଆଧାର ସେଥିପାଇଁ ପ୍ରକୃତିର ଉପାସନା ହିଁ ରଜପର୍ବର ସୃଷ୍ଟି। ସମସ୍ତ ମାତୃପଦ ବାଚ୍ୟ ଶକ୍ତି ଚିର ନମସ୍ୟ ଏହା କବି ଉପଯୁକ୍ତ ଭାବେ ଉପସ୍ଥାପନା କରିଛନ୍ତି । କବି ମାଗୁଣି ମହାପାତ୍ର ନିଜ ପୁସ୍ତକରେ ପ୍ରକୃତିର ବିଭିନ୍ନ ଉପାଦାନ ଓ ଦ୍ରବ୍ୟକୁ ଉପମା ରୂପେ ଗ୍ରହଣ କରି ଆମ କୃଷି ଓ ସାମାଜିକ ଜୀବନର ମହତ୍ତ୍ୱ ବୃଦ୍ଧି କରିଛନ୍ତି । ରଜଦୋଳି ଗୀତର ବିଭିନ୍ନ ପଂକ୍ତିକୁ କୁମାରୀମାନେ ସୁଲଳିତ କଣ୍ଠରେ ଗାନ କରି ଦୋଳି ଖେଳିଥାନ୍ତି। ପରିବେଶକୁ ସେମାନେ ଏକ ଭାବପୂର୍ଣ୍ଣ ରସସିକ୍ତ, ଆମୋଦମୟ କରି ଗଢି ତୋଳିଥାନ୍ତି । ରଜଦୋଳି ଗୀତରେ ନାରୀ ସଶକ୍ତିକରଣର ବାର୍ତ୍ତା ଦେବା ସହିତ ନାରୀ ଭାବନା, ବେଦନା, ବ୍ୟଥା ଓ କଥାକୁ ସମାଜ ଆଗରେ ରଖିଛନ୍ତି । କବିଙ୍କ ପୁସ୍ତକର ବିଭିନ୍ନ ପଦକୁ ମୁଖସ୍ତ କରି ବାଳିକାମାନେ ଆଜି ମଧ୍ୟ ଦୋଳି ଖେଳିବା ସମୟରେ ଉଚ୍ଚାରଣ କରୁଛନ୍ତି । କବି ମାଗୁଣି ମହାପାତ୍ରଙ୍କର ପଦଗୁଡ଼ିକର ମାର୍ମିକ ଅନୁଶୀଳନ ଅତି ଉଚ୍ଚ କୋଟୀର । "ବନସ୍ତେ ଡାକିଲା ଗଜ" ପୁସ୍ତକର ପ୍ରଥମ ପଦରେ ସ୍ଥାନ ପାଇଛି । ରଜଦୋଳି ଗୀତ ମାଧ୍ୟମରେ କବି ମାଗୁଣି ମହାପାତ୍ର ରଜ ଅବସରରେ କୁମାରୀମାନଙ୍କର ବେଶଭୂଷା ଓ ସାଜସଜ୍ଜାର ଏକ ମନୋଜ୍ଞ ପରିପାଟୀ ଉଲ୍ଲେଖ କରିଛନ୍ତି। ନିଜ ପୁସ୍ତକରେ ଦ୍ୱିତୀୟ, ଚତୁର୍ଥ ଓ ପନ୍ଦରତମ ପଦରେ କୁମାରୀମାନଙ୍କର ରୂପ ଲାବଣ୍ୟ ଓ ସୌନ୍ଦର୍ଯ୍ୟର ପରିଭାଷାକୁ ନିଛକ ଭାବରେ ବର୍ଣ୍ଣନା କରିଛନ୍ତି । ପନ୍ଦରତମ ପଦରେ ଉଲ୍ଲେଖ ଅଛି-

"ଦୂର ପରବତ ଶୋଭା
କାଞ୍ଚନ ଫୁଲରେ ମଣ୍ଡିଛୁ ଗଭା
ମଣ୍ଡିଛୁ ଗଭାଲୋ ସେତ ଯୁବା ମନ ଲୋଭା ।"

କବି ଶୀ ମହାପାତ୍ର ରଜ ଦୋଳି ଗୀତ ମାଧ୍ୟମରେ ଜୀବନ-ଦର୍ଶନର ନିଗୂଢ ତତ୍ତ୍ୱକୁ ମଧ୍ୟ ସ୍ଥାନ ଦେଇଛନ୍ତି । ଜୀବନର ବାସ୍ତବ ସତ୍ୟ ଯାହା ସମାଜରେ ସ୍ପଷ୍ଟ ବାରି ହୋଇପଡେ କବି ରଜଦୋଳି ଗୀତରେ ତୋଳି ଧରିଛନ୍ତି। ନିଜସ୍ୱ ରଚନାର ଦ୍ୱିତୀୟ ପୃଷ୍ଠାର ଷଷ୍ଠ ପଦରେ ଉଲ୍ଲେଖ କରିଛନ୍ତି-

" ଶଙ୍ଖ ମଲମଲ ଗିନା
ଦରଦ ବୁଝେଲୋ ଦରଦୀ ସିନା
ଦରଦୀସିନାଲୋ ବଣିଆ ଚିହ୍ନଇ ସୁନା ।"

ପ୍ରେମ, ପ୍ରଣୟ, ଓ ଭଲପାଇବାର ମହତ୍ତ୍ୱର ବାର୍ତ୍ତା କବି ରଜ ଦୋଳି ଗୀତରେ ଦେବାକୁ ଚେଷ୍ଟା କରିଛନ୍ତି । ନବ ଯୌବନରେ ପଦାର୍ପଣ କରିଥିବା କୁମାରୀମାନଙ୍କର ହୃଦୟର ଭାଷା, ଆଶା ଓ ସମ୍ପର୍କ ସ୍ଥାପନର ପବିତ୍ର ନିଶାକୁ ନେଇ କବି ମାଗୁଣି ମହାପାତ୍ର ପୁସ୍ତକର ଅନେକ ପଦରେ ହୃଦୟକୁ ଛୁଇଁଯିବା ଭଳି ଶବ୍ଦ ବ୍ୟବହାର କରିଛନ୍ତି । ପ୍ରେମର ପରିଭାଷା ପରିବର୍ତ୍ତନର ବାର୍ତ୍ତା। ସମାଜରେ ସୃଷ୍ଟି କରିବ । ଏକତା, ସଂହତି, ଓ ସଦ୍‌ଭାବ ପ୍ରତିଷ୍ଠାରେ ଏଥିରେ କବିଙ୍କର ଦୃଢ ଆସ୍ଥା ଓ ବିଶ୍ୱାସ ଥିଲା । ତେଣୁ ତାଙ୍କ ଭାଷାରେ -

"ବାଜିଲା ତେଲିଙ୍ଗି ବାଜା
ରସିକ ଯେ ଜାଣେ ସ୍ନେହର ମଜା
ସ୍ନେହର ମଜାଲୋ ସେ ସିନା ମୋ ମନ ରାଜା ।"

ରଜଦୋଳି ଗୀତରେ ପରୋକ୍ଷ ଭାବରେ ଟାହି ଓ ଟାପରାର ବ୍ୟବହାର କରି କୁମାରୀମାନେ ନିଜର ମନୋଭାବକୁ ପ୍ରକାଶ କରିଥାନ୍ତି । ଏହା ଅତ୍ୟନ୍ତ ଆମୋଦମୟ ପରିବେଶ ସୃଷ୍ଟି କରିଥାଏ । ରଜଦୋଳି ଗୀତ ମାଧ୍ୟମରେ ଟାହି-ଟାପରା ବ୍ୟକ୍ତି ବିଶେଷ ଓ ସମାଜକୁ ପରିବର୍ତ୍ତନର ପଥ ଦେଖାଇଥାଏ । କବି ମାଗୁଣି ମହାପାତ୍ର ନିଜସ୍ୱ ରଚନାରେ ଅନେକ ପଦ ଟାହି-ଟାପରା ଉପରେ ଆଧାରିତ। ଏହା ସମାଜକୁ ଓ ବ୍ୟକ୍ତି ବିଶେଷଙ୍କୁ ସଚେତନ ଓ ସତର୍କ ରହିବା ପାଇଁ ଏକ ପ୍ରକାର ନିର୍ଦ୍ଦେଶ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ନିଜକୁ ସୁଧାରିବା ସହିତ ସମାଜକୁ ସୁପଥଗାମୀ କରିବା ଏହାର ଲକ୍ଷ୍ୟ । ତେଣୁ କବି ରଜଦୋଳି ଗୀତ ମାଧ୍ୟମରେ ଏକ ଛୋଟ ପ୍ରୟାସ କରିଥିଲେ । କବିଙ୍କ ଭାଷାରେ ଷୋଳତମ ପଦରେ ଉଲ୍ଲେଖ ଅଛି-

"ପାଣିରେ କାଟିଲି ଗାର
ତୋପରି ଦେଖିଛି କେତେ ନାଗର
କେତେ ନାଗରରେ ଗୋଡ ଧୂଳି ସରି ନୁହେଁ ମୋର ।"

ଛଳନା, କପଟ, ମନଭୁଲାଣିଆ କଥା କହି କାର୍ଯ୍ୟ ହାସଲ କରୁଥିବା ବ୍ୟକ୍ତି ବିଶେଷଙ୍କୁ ରଜ ଦୋଳି ଗୀତ ମାଧ୍ୟମରେ ସମାଲୋଚନା କରିଛନ୍ତି କବି । ରଜ ସାମାଜିକ ପର୍ବ । ସାମାଜକି ସଚେତନତା ସୃଷ୍ଟି କରିବା ରଜଦୋଳି ଗୀତର ମୁଖ୍ୟ ଆଭିମୁଖ୍ୟ । ଭଲ ମନ୍ଦ ବିଚାର କରିବା ଓ ଚିହ୍ନିବାର ଏକ ମାଧ୍ୟମ ରଜ ଦୋଳି ଗୀତ । ତେଣୁ କବି ବିଂଶତମ ପଦରେ ଏ ସମ୍ପର୍କରେ ଧାର୍ମିକ ଶୈଳିରେ ଉଲ୍ଲେଖ କରିଛନ୍ତି ।-

"ଘାସରେ ମାଇ କାକର
କଥାରେ ପାଣିରେ ପକାଉ ସର
ପକାଉ ସରରେ କଥାରେ ରହିଛି ଫେର ।"

କବି ରଜଦୋଳି ଗୀତ ମାଧ୍ୟମରେ ସମ୍ବଲପୁରର କୁଲା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । କଳା, ସଂସ୍କୃତି, ପରମ୍ପରା, ମା ସମଲେଶ୍ୱରୀ, ମହାନଦୀ ଓ ଚୌହାନ ରାଜବଂଶ ପ୍ରଭୃତିକୁ ନେଇ ସମ୍ବଲପୁରର ପ୍ରତିଷ୍ଠା ରହିଛି। ଘର କରଣା ପାଇଁ କୁଲାର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମ୍ବଲପୁରରେ ନିର୍ମିତ କୁଲାର ମାନ ଓ ଶୈଳି ଅତି ଉଚ୍ଚକୋଟିର । ବହୁଦିନ ପର୍ଯ୍ୟନ୍ତ ବ୍ୟବହୃତ ହୋଇଥାଏ । କବି ରଜଦୋଳି ଗୀତରେ ଉଲ୍ଲେଖ କରିଛନ୍ତି-

"ସମ୍ବଲପୁରିଆ କୁଲା
ଥିରି ଥିରି କରି ଦୋଳିକି ଝୁଲା
ଦୋଳିକି ଝୁଲାଲୋ ବାସ ତୋର ଉଡିଗଲା ।"

ସମ୍ବଲପୁର ବସ୍ତ୍ର ଦେଶ-ବିଦେଶରେ ବିଖ୍ୟାତ । ଏହାକୁ ଲୋକପ୍ରିୟ କରିବାରେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମ୍ବଲପୁର ବସ୍ତ୍ରର ଆଦର, ସମ୍ମାନ ଓ ଚାହିଦାକୁ ଦେଖି କବି ଏହାକୁ ରଜଦୋଳି ଗୀତରେ ସ୍ଥାନ ଦେବାକୁ କେବେ ଭୁଲି ନାହାଁନ୍ତି । ତେଣୁ କବିଙ୍କ ବର୍ଣ୍ଣନାରେ -

"ସମ୍ବଲପୁରିଆ ଶାଢି
ନାଲି ନାଲି ତୋର ଲୋ ହାତ ପାପୁଲି
ହାତ ପାପୁଲି ଲୋ ଦେଖି ମୁଁ ଜୀବନ ଦେଲି ।"

ସମସାମହିକ ଘଟଣା କାଠଯୋଡି ନୂଆପୋଲର କଥା କବି ରଜଦୋଳି ଗୀତରେ ସ୍ଥାନ ଦେଇଛନ୍ତି। ଜନ ଭାବନାକୁ କବି ତାଙ୍କ ପଦ୍ୟାବଳୀରେ ଉଲ୍ଲେଖ କରିଛନ୍ତି ।-

"କାଠଯୋଡି ନୂଆ ପୋଲ
ଭଲ ଲାଗୁନାହିଁ ତୁମରି ଗେଲ
ତୁମରି ଗେଲ ଲୋ କରନା ଆଉ କଟାଳ ।"

ରଜଦୋଳି ଗୀତର ଅନ୍ତିମ ପଦ ବା ୩୮ତମ ପଦରେ କବି ଉଡାଜାହାଜର କଥା ଉଲ୍ଲେଖ କରିଛନ୍ତି। ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଉଡାଜାହାଜ କୌତୂହଳ ଓ ଆମୋଦ ସୃଷ୍ଟି କରିଥିଲା ଜନମାନସରେ । କବି ଜନଭାବନାକୁ ନିଜ ରଚନାରେ ସ୍ଥାନ ଦେଇଛନ୍ତି । ତେଣୁ କବିଙ୍କ ଭାଷାରେ-

"ଯାଉଛି ଉଡାଜାହାଜ
ମତେ ଛାଡି ତୁମେ ଗୋ କର ମଉଜ
କର ମଉଜ ଲୋ ମତେ ମାଡୁଅଛି ଲାଜ ।"

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.

Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା



# ୩୬ ବର୍ଷ ପରେ ବିଶ୍ୱକପ୍‌ରେ ସ୍କଟ୍‌ଲାଣ୍ଡର ପ୍ରଥମ ବିଜୟ



**ବୋଷ୍ଟନ**

ଗ୍ରୁପ୍ 'ସି'ର ଏକ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ୧-୦ରେ ହାଇତିକୁ ପରାସ୍ତ କରିଛି । ଏହା ସହିତ ଫିଫା ବିଶ୍ୱକପ୍‌ରେ ସ୍କଟ୍‌ଲାଣ୍ଡ ପାଇଁ ଦୀର୍ଘ ୩୬ ବର୍ଷର ଅପେକ୍ଷାର ଅନ୍ତ ଘଟିଛି । ଶେଷ ଥର ପାଇଁ ସ୍କଟ୍‌ଲାଣ୍ଡ ୧୯୯୦ରେ ସ୍ୱିଡେନ୍‌କୁ ହରାଇଥିଲା । ଏପରିକି ୨୮ ବର୍ଷ ପରେ ପ୍ରଥମ ଥର ପାଇଁ ବିଶ୍ୱକପ୍‌ରେ ଗୋଲ୍ ଦେବାରେ ସକ୍ଷମ ହୋଇଛି ସ୍କଟ୍‌ଲାଣ୍ଡ ।

ମ୍ୟାଚ୍‌ର ୨୮ତମ ମିନିଟ୍‌ରେ ଜନ୍ ମାକ୍‌ଜିନ୍ ସ୍କଟ୍‌ଲାଣ୍ଡ ପକ୍ଷରୁ ଏକମାତ୍ର ଗୋଲ୍ କରିଥିଲେ । ୨୮ ତମ ମିନିଟ୍‌ରେ ସ୍କଟ୍‌ଲାଣ୍ଡର ଚେ ଆଡାମ୍ସଙ୍କ ଏକ ଉଦ୍ୟମକୁ ପଣ୍ଡ କରିଦେଇଥିଲେ ବିପକ୍ଷ ଗୋଲ୍‌କିପର ଜନି ପ୍ଲାସାଇଡ୍ । କିନ୍ତୁ ବଲ୍‌ଟି ରିବାଉଣ୍ଡ ହୋଇ ଜନ୍ ମ୍ୟାକଗିନ୍‌ଙ୍କ ପାଖକୁ ଆସିଥିଲା । ମ୍ୟାକଗିନ୍ ସୁଯୋଗକୁ ହାତଛଡ଼ା କରିନଥିଲେ ଓ ସ୍କଟ୍‌ଲାଣ୍ଡ ପାଇଁ ବିଜୟ ସୂଚକ ଏକମାତ୍ର ଗୋଲ୍ କରିଥିଲେ । ତେବେ ୧୯୭୪ ପରେ ପୁଣି ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଥିବା ହାଇତି ଅପେକ୍ଷାକୃତ ଦୁର୍ବଳ ଦଳ ହେଲେ ବି ସ୍କଟ୍‌ଲାଣ୍ଡ ଆଉ ଅଧିକ ଗୋଲ୍ କରିପାରିନଥିଲା । ୩୮ତମ ମିନିଟ୍‌ରେ ହାଇତିର ରୁବେନ ପ୍ରୋଭିଡେନ୍ସଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି ହୋଇଥିଲେ ବି ତାହାକୁ ପଣ୍ଡ କରିଦେଇଥିଲେ ଆରନ୍ ହିକ୍କି । ଶେଷ ବେଳକୁ ହାଇତି ପକ୍ଷରୁ କିଛିଟା ଆକ୍ରମଣ କରାଯାଇଥିଲେ ବି ତାହା ଗୋଲ୍‌ରେ ପରିବର୍ତ୍ତନ ହୋଇପାରିନଥିଲା ।

ମ୍ୟାଚ୍‌ର ୨୮ତମ ମିନିଟ୍‌ରେ ଜନ୍ ମାକ୍‌ଜିନ୍ ସ୍କଟ୍‌ଲାଣ୍ଡ ପକ୍ଷରୁ ଏକମାତ୍ର ଗୋଲ୍ କରିଥିଲେ । ୨୮ ତମ ମିନିଟ୍‌ରେ ସ୍କଟ୍‌ଲାଣ୍ଡର ଚେ ଆଡାମ୍ସଙ୍କ ଏକ ଉଦ୍ୟମକୁ ପଣ୍ଡ କରିଦେଇଥିଲେ ବିପକ୍ଷ ଗୋଲ୍‌କିପର ଜନି ପ୍ଲାସାଇଡ୍ । କିନ୍ତୁ ବଲ୍‌ଟି ରିବାଉଣ୍ଡ ହୋଇ ଜନ୍ ମ୍ୟାକଗିନ୍‌ଙ୍କ ପାଖକୁ ଆସିଥିଲା । ମ୍ୟାକଗିନ୍ ସୁଯୋଗକୁ ହାତଛଡ଼ା କରିନଥିଲେ ଓ ସ୍କଟ୍‌ଲାଣ୍ଡ ପାଇଁ ବିଜୟ ସୂଚକ ଏକମାତ୍ର ଗୋଲ୍ କରିଥିଲେ । ତେବେ ୧୯୭୪ ପରେ ପୁଣି ବିଶ୍ୱକପ୍ ଖେଳିବାର ସୁଯୋଗ ପାଇଥିବା ହାଇତି ଅପେକ୍ଷାକୃତ ଦୁର୍ବଳ ଦଳ ହେଲେ ବି ସ୍କଟ୍‌ଲାଣ୍ଡ ଆଉ ଅଧିକ ଗୋଲ୍ କରିପାରିନଥିଲା । ୩୮ତମ ମିନିଟ୍‌ରେ ହାଇତିର ରୁବେନ ପ୍ରୋଭିଡେନ୍ସଙ୍କ ପାଇଁ ଏକ ଭଲ ସୁଯୋଗ ସୃଷ୍ଟି ହୋଇଥିଲେ ବି ତାହାକୁ ପଣ୍ଡ କରିଦେଇଥିଲେ ଆରନ୍ ହିକ୍କି । ଶେଷ ବେଳକୁ ହାଇତି ପକ୍ଷରୁ କିଛିଟା ଆକ୍ରମଣ କରାଯାଇଥିଲେ ବି ତାହା ଗୋଲ୍‌ରେ ପରିବର୍ତ୍ତନ ହୋଇପାରିନଥିଲା ।

ଗ୍ରୁପ୍ 'ସି'ର ଦୁଇ ଶକ୍ତିଶାଳୀ ଦଳ ବ୍ରାଜିଲ୍ ଓ ମରକ୍କୋ ମଧ୍ୟରେ ମ୍ୟାଚ୍ ଡ୍ର ରହିଥିବାରୁ ସ୍କଟ୍‌ଲାଣ୍ଡ ଗୋଟିଏ ବିଜୟ ସହ ଶୀର୍ଷକୁ ଚାଲିଯାଇଛି ।

## ଆଇସିସି ଟି୨୦ ମହିଳା ବିଶ୍ୱକପ୍

# ପାକିସ୍ତାନକୁ ୬୪ ରନ୍‌ରେ ହରାଇଲା ଭାରତ

**ବର୍ମିଂହାମ**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପରିଚାଳିତ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ରବିବାର ପାକିସ୍ତାନକୁ ୬୪ ରନ୍‌ରେ ପରାସ୍ତ କରିଛି । ବର୍ମିଂହାମର ଏଜବେଷ୍ଟନ ପଡ଼ିଆରେ ଭାରତୀୟ ଟିମ୍ ପ୍ରଥମେ ବ୍ୟାଟିଂ ଏବଂ ପରେ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରିଛି ।



ପାକିସ୍ତାନ ୧୭୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା । ଦଳ ୧୭ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ କରିଥିଲା । ପାକିସ୍ତାନ ପାଇଁ ପ୍ରାରମ୍ଭିକ ବ୍ୟାଟର ମୁନୀବା ଅଲି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୩୫ଟି ବଲ୍ ଖେଳି ୫ଟି ଚୌକା ବଳରେ ୪୧ ରନ୍ କରିଥିଲେ । ତେବେ ଦଳର ଭଲ ସ୍କୋର ପାଇଁ ଅନ୍ୟ ବ୍ୟାଟରଙ୍କ ଯୋଗଦାନ ଉତ୍ସାହଜନକ ନଥିଲା । ଅଲିଆ ରିଆଜ ୧୮ରନ୍, ଗୁଲ ଫିରୋଜା ଏବଂ ଆୟେସା ଜାଫର ୧୨-୧୨ ରନ୍, ନତାଲିଆ ପରଭାଇଜ ୭ ରନ୍, ରମୀନ ସଲିମ ଏବଂ ନସାରା ସାନ୍ଧୁ ୪-୪ ରନ୍ କରିଥିଲେ । ଅଧିନାୟକ ଫତିମା ସାନା ଏବଂ ତସମିଆ ରୁବାବ ଖାତା ଖୋଲିପାରି ନଥିଲେ ।

ଭାରତ ପକ୍ଷରୁ ଦୀପ୍ତି ଶର୍ମା ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ । ସେ ୪ ଓଭର ବୋଲିଂ କରି ମାତ୍ର ୧୦ ରନ୍ ଖର୍ଚ୍ଚ କରିଥିଲେ । ସେହିପରି ଶ୍ରୀ ଚରଣୀ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ସେଫାଲ ବର୍ମାଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା ।

ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୭୦ ରନ୍ କରିଥିଲା ।

ଭାରତ ପାଇଁ ସ୍ମୃତି ମନ୍ଧାନା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୪୪ଟି ବଲ୍ ଖେଳି ୯ଟି ଚୌକା ଏବଂ ୨ଟି ଛକା ବଳରେ ୬୮ ରନ୍ ସଂଗ୍ରହ କରିଥିଲେ । ସେହିପରି ହରମନପ୍ରୀତ କୌର ୩୫ଟି ବଲ୍ ଖେଳି ୪ଟି ଚୌକା ସହାୟତାରେ ୩୬ ରନ୍ ସଂଗ୍ରହ କରିଥିଲେ । ପ୍ରାରମ୍ଭିକ ବ୍ୟାଟର ସେଫାଳି ବର୍ମା ୬ ରନ୍ ଏବଂ ଭାରତୀ ଫୁଲମାଳି ଏକ ରନ୍ କରିଥିଲେ । ରିଚା ଘୋଷ ୧୭ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୪ ରନ୍ କରିଥିଲେ । ଦୀପ୍ତି ଶର୍ମା ୧୨ ରନ୍ କରିଥିଲେ । ଏଥିରେ ସେ ଗୋଟିଏ ଚୌକା ସାମିଲ କରିଥିଲେ ।

ପାକିସ୍ତାନ ପକ୍ଷରୁ ସାଦିଆ ଇକ୍‌ବାଲ ଏବଂ ଅଧିନାୟକ ଫତିମା ସାନା ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଟିଲେ । ସେହିପରି ତସିମା ରୁବାବ ଏବଂ ରମୀନ ଶମିମ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

# ଫିଫା ଫୁଟବଲ ମହାକୁମ୍ଭ : ସ୍ୱିଜରଲାଣ୍ଡ ଓ କତାର ମୁକାବିଲା, ୧-୧ ଗୋଲରେ ଡ୍ର'



**ନୂଆଦିଲ୍ଲୀ**

ଫିଫା ବିଶ୍ୱକପ ରୋମାଞ୍ଚ । ସ୍ୱିଜରଲାଣ୍ଡ ଓ କତାର ମଧ୍ୟରେ ଅନୁଷ୍ଠିତ ଗ୍ରୁପ-ବି ମୁକାବିଲା ୧-୧ ଗୋଲ୍‌ରେ ଡ୍ର' ରହିଛି । ସ୍ୱିଜରଲାଣ୍ଡ ପ୍ରଭାବ ବିସ୍ତାର କରି ଖେଳିଥିଲେ ହେଁ କତାର ଅନ୍ତିମ ମିନିଟ୍‌ରେ ଗୋଲ୍ ଦେଇ ମ୍ୟାଚ୍ ଡ୍ର' ରଖିବାରେ ସଫଳ ହୋଇଥିଲା ।

ପ୍ରଥମ ମିନିଟ୍‌ରେ ସ୍ୱିଜରଲାଣ୍ଡର ବ୍ରାଜିଲ ଏମ୍ବୋଲୋଙ୍କ ଏକ ପ୍ରୟାସକୁ କତାର ଗୋଲ କିପର ଅଟକାଇ ଦେଇଥିଲେ । ଦ୍ୱିତୀୟ ମିନିଟ୍‌ରେ କତାର ପକ୍ଷରୁ ଏଡମିଲସନ ଜୁନିୟର ଏକ ପ୍ରୟାସ କରିଥିଲେ । ୧୩ତମ ମିନିଟ୍ କତାର ପାଇଁ ନିରାଶା ଆଣିଥିଲା । ସ୍ୱିଜରଲାଣ୍ଡ ଖେଳାଳି ରେମୋ ଫ୍ରେୟୁଲରଙ୍କୁ ଅଟକାଇବାକୁ ଯାଇ କତାର ଗୋଲ୍ କିପର ମହମ୍ମଦ ଆବୁନାଡ଼ା ଫାଉଲ ମାରିଥିଲେ । ସ୍ୱିଜରଲାଣ୍ଡକୁ ପେନାଲ୍ଟି ସୁଯୋଗ ମିଳିଥିଲା । ଭାର ମଧ୍ୟ ପେନାଲ୍ଟି ନିଷ୍ପତ୍ତିକୁ କାଏମ ରଖିଥିଲା । ୧୭ତମ ମିନିଟ୍‌ରେ ବ୍ରାଜିଲ୍ ଏମ୍ବୋଲୋ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରିଥିଲେ ଓ ସ୍ୱିଜରଲାଣ୍ଡ ଅଗ୍ରଣୀ ହାସଲ କରିଥିଲା । ଦ୍ୱିତୀୟାର୍ଦ୍ଧରେ ସ୍ୱିଜରଲାଣ୍ଡର ଆଧିପତ୍ୟ ଜାରି ରହିଥିଲା । ଅନେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ସ୍ୱିଜରଲାଣ୍ଡ ଗୋଲ୍ କରିପାରି ନଥିଲା । କତାର ପ୍ରତି ଆକ୍ରମଣ କରିଥିଲେ ହେଁ ଅଭିଜ୍ଞତାର ଅଭାବ ଯୋଗୁଁ ଗୋଲ୍ କରିବାରେ ବିଫଳ ହୋଇଥିଲା । ୯୦ ମିନିଟ୍ ଖେଳ ଶେଷ ହୋଇ ଇନଜ୍ୟୁରି ଟାଇମ ଆରମ୍ଭ ହୋଇଥିଲା । ସ୍ୱିଜରଲାଣ୍ଡର ବିଜୟ ଏକ ପ୍ରକାର ନିଶ୍ଚିତ ଜଣା ପଡୁଥିବାବେଳେ ୯୦ତମ ମିନିଟ୍‌ରେ କତାର ଗୋଲ ପରିଶୋଧ କରି ଉନ୍ମାଦନା ଖେଳାଇ ଦେଇଥିଲା । ବିଓ୍ୱାଲିମ ଖୁଖ୍ ଏହି ଗୋଲ୍ ଦେଇ ଦଳକୁ ପରାଜୟରୁ ଉଦ୍ଧାର କରିଥିଲେ ।

## ସବ୍‌ଜୁନିୟର ବାଳକ ଓ ବାଳିକା ହ୍ୟାଣ୍ଡବଲ ଚାମ୍ପିଅନସିପ୍

# ବାଳିକା ବର୍ଗରେ କେନ୍ଦୁଝର ଓ ବାଳକରେ ଗଞ୍ଜାମ ଚାମ୍ପିଅନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଷ୍ଟାଡ଼ିୟମରେ ଚାଲିଥିବା ୨୨ତମ ରାଜ୍ୟ ସ୍ତରୀୟ କନିଷ୍ଠ ବାଳକ ଓ ବାଳିକା ହ୍ୟାଣ୍ଡବଲ୍ ଚମ୍ପିଆନସିପ୍ ଉଦ୍‌ଯାପିତ ହୋଇ ଯାଇଛି । କେନ୍ଦୁଝର ହ୍ୟାଣ୍ଡବଲ୍ ପଡ଼ିଆରେ ଆୟୋଜିତ ଏହି ଚାମ୍ପିଅନସିପ୍‌ର ଉଦ୍‌ଯାପନୀ ଉତ୍ସବରେ କେନ୍ଦୁଝର ବନଖଣ୍ଡର ଅଧିକାରୀ ଏଚ ଡି ଧନରାଜ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଥିଲେ । ଏଥିରେ ସମ୍ମାନିତ ଅତିଥି ରୂପେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, ଭାରତୀୟ ହ୍ୟାଣ୍ଡବଲ୍ ଆସୋସିଏସିନ୍‌ର ଉପସଭାପତି ତଥା ରାଜ୍ୟ ହ୍ୟାଣ୍ଡବଲ ସଂଘର ସମ୍ପାଦକ ଇଂ ମାନସ କୁମାର ସିଂ ତଥା ଜିଲ୍ଲା ହ୍ୟାଣ୍ଡବଲ ସଂଘର ସଭାପତି ଇଂ ବସନ୍ତ କୁମାର ଦାନୀ ଯୋଗଦେଇଥିଲେ । ଜିଲ୍ଲା ହ୍ୟାଣ୍ଡବଲ ସଂଘର ସମ୍ପାଦକ ରିତିକ ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ । ଏହି ଖେଳରେ କେନ୍ଦୁଝର ବାଳକ ଦଳ ଦେବଗଡ଼କୁ ୧୮-୧୦ ଗୋଲରେ, ଗଞ୍ଜାମ ଭୁବନେଶ୍ୱରକୁ ୧୭-୧୩ ଗୋଲରେ ହରାଇ ଫାଇନାଲକୁ ଯାଇଥିଲେ । ଫାଇନାଲରେ ଗଞ୍ଜାମ କେନ୍ଦୁଝରକୁ ୧୭ - ୧୦ ଗୋଲରେ ହରାଇ ଚାମ୍ପିଅନ ହୋଇଛି । ସେହିପରି ବାଳିକା ବିଭାଗରେ କେନ୍ଦୁଝର ପୁରି ବାଳିକାକୁ ୯-୩ ଗୋଲରେ ଓ ଯାଜପୁର ଗଞ୍ଜାମକୁ ୭-୫ ଗୋଲରେ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ । ଫାଇନାଲରେ କେନ୍ଦୁଝର ଯାଜପୁରକୁ ୧୪-୭ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି । ଏହି ଖେଳରେ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି କେନ୍ଦୁଝର ବାଳିକା ଦଳର ପ୍ରତ୍ୟୁଷା ପଲ୍ଲବୀ ଶ୍ରେଷ୍ଠ ଖେଳାଳି ହୋଇଥିବା ବେଳେ ନିକିତା ପ୍ରିୟଦର୍ଶନୀ ଶ୍ରେଷ୍ଠ ଗୋଲକିପର ଭାବରେ ପୁରସ୍କୃତ ହୋଇଛନ୍ତି । ସେହିପରି ବାଳକ ବିଭାଗରେ ରାୟଗଡ଼ାର ସୁମନ ଗୌଡ଼ ଶ୍ରେଷ୍ଠ ଖେଳାଳି ହୋଇଥିବା ବେଳେ ଗଞ୍ଜାମର ରୋହନ ସାହୁ ଶ୍ରେଷ୍ଠ ଗୋଲକିପର ଭାବରେ ପୁରସ୍କୃତ ହୋଇଛନ୍ତି । ଶେଷରେ ମୁଖ୍ୟ ଅତିଥି ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳରେ ୧୬ଟି ଜିଲ୍ଲାର ବାଳକ ଓ ବାଳିକା ଖେଳାଳି ଯୋଗ ଦେଉଥିବା ବେଳେ ଚାମ୍ପିଅନସିପ୍‌ରେ ସମୁଦାୟ ୪୦ଟି ମ୍ୟାଚ୍ ଅନୁଷ୍ଠିତ ହେଇଥିଲା । ଏହି ଖେଳକୁ ପରିଚାଳନା ନିମନ୍ତେ ରାଜ୍ୟ ବିଭିନ୍ନ ଜିଲ୍ଲାରୁ ବଛାବଛା ୨୦ ଜଣ ରେଫରି ନିୟୋଜିତ ହୋଇଥିଲେ ।

# କ୍ରିକେଟରଙ୍କୁ ମାଡ଼ ମାରିଲେ ପୋଲିସ, ଉତ୍ତେଜନା ପରେ ତିନି ପୋଲିସ କର୍ମଚାରୀ ନିଲମ୍ବିତ

**ଢାକା**

ବାଂଲାଦେଶ କ୍ରିକେଟ୍ ବର୍ତ୍ତମାନ ଏକ ବିବାଦ ଯୋଗୁଁ ଚର୍ଚ୍ଚାରେ ରହିଛି । ବାଂଲାଦେଶୀ ସ୍ପିନର ନୟିମ ହାସନଙ୍କ ପ୍ରତି ଦୁର୍ବ୍ୟବହାର ଏବଂ ଆକ୍ରମଣ ହୋଇଥିବା ଏକ ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଛି । ପରିସ୍ଥିତି ଏପରି ବିଗିଡ଼ି ଯାଇଥିଲା ଯେ ତିନି ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ପାଇଁ ଏକ ତିନି ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଥିଲା । ଏହି ଘଟଣା ଜୁନ୍ ୧୨ ତାରିଖରେ ଚାଟୋଗ୍ରାମରେ ବିଳମ୍ବିତ ରାତିରେ ଘଟିଥିଲା । ରିପୋର୍ଟ ଅନୁଯାୟୀ, ନୟିମ ହାସନ ଢାକା ବିମାନବନ୍ଦରରୁ ଘରକୁ ଫେରୁଥିଲେ । ଏହା ପୂର୍ବରୁ, ସେ ଢାକା ପ୍ରିମିୟର ଡିଭିଜନ କ୍ରିକେଟ୍ ଲିଗ୍ ପାଇଁ ତାଙ୍କ ଦଳ ପ୍ରାଇମ୍ ବ୍ୟାଙ୍କ କ୍ରିକେଟ୍ କ୍ଲବ୍ ସହିତ ଥିଲେ, ଯଦିଓ ସେ ସେହି ନିର୍ଦ୍ଦିଷ୍ଟ ମ୍ୟାଚ୍‌ରେ ଅଂଶଗ୍ରହଣ କରି ନଥିଲେ ।



ଖବର ଅନୁଯାୟୀ, ଲାଲଖାନ ବଜାର ଅଞ୍ଚଳ ଦେଇ ଯାଉଥିବା ସମୟରେ ପୋଲିସ କର୍ମଚାରୀମାନେ ନଇମଙ୍କ ସିଏନଜି ଅଟୋ-ରିକ୍ସାକୁ ଅଟକାଇଥିଲେ । ନଇମ ଅଭିଯୋଗ କରିଛନ୍ତି ଯେ ଅଧିକାରୀମାନେ ଆରମ୍ଭରୁ ଆକ୍ରମଣାତ୍ମକ ଆଚରଣ ପ୍ରଦର୍ଶନ କରିଥିଲେ । ସେ ଦାବି କରିଛନ୍ତି ଯେ ପୋଲିସ ତାଙ୍କୁ ଗଳା ଧରି ଅନ୍ୟ ଏକ ଅଟୋ-ରିକ୍ସାରେ ଜୋରଜବରଦସ୍ତି ଥାନାକୁ ନେବାକୁ ଚେଷ୍ଟା କରିଥିଲା ।

ଦେଖଣାହାରୀମାନେ ପୋଲିସକୁ ଜଣାଇଥିଲେ ଯେ ନଇମ ବାଂଲାଦେଶର ଜଣେ ଜାତୀୟ କ୍ରିକେଟର ଥିଲେ, କିନ୍ତୁ ଅଧିକାରୀମାନେ କାହାରି କଥାକୁ ଧ୍ୟାନ ଦେଇ ନଥିଲେ । ଶେଷରେ ଜୁନ୍ ୧୩ ତାରିଖ ପ୍ରତ୍ୟୁଷରେ ନଇମଙ୍କୁ ମୁକ୍ତ କରି ଘରକୁ ଫେରି ଆସିଥିଲେ । ଏହି ଘଟଣାର ଖବର ପାଇବା ପରେ ସମଗ୍ର ବାଂଲାଦେଶରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ, ଚାଟୋଗ୍ରାମ ମେଟ୍ରୋପଲିଟାନ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସବ-ଇନ୍ସପେକ୍ଟର ମହମ୍ମଦ ଶଫିକୁଲ ଇସଲାମ ଭୂୟାଁ, କନଷ୍ଟେବଲ୍ ମହମ୍ମଦ ରାସେଲ ଚୌଧୁରୀ ଏବଂ ଅନ୍ୟ ଜଣେ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରିଥିଲା ।

ଚିଟାଗଙ୍ଗ ମେଟ୍ରୋପଲିଟାନ୍ ପୋଲିସ କମିଶନର ଶୌକତ ଅଲି ବ୍ୟକ୍ତିଗତ ଭାବରେ ନଇମ୍ ହାସନଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ଭେଟିଥିଲେ । ତଦନ୍ତ ରିପୋର୍ଟ ମିଳିବା ପରେ ଦୋଷୀ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଏହି ସମୟରେ, ପୋଲିସ ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ଜଣାପଡୁଛି ଯେ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରାଯାଇ ନାହିଁ । ସେମାନେ ଆଶ୍ୱାସନା ଦେଇଛନ୍ତି ଯେ ନଇମ୍ ନ୍ୟାୟ ପାଇବେ ଏବଂ ଦାୟୀ ବ୍ୟକ୍ତିମାନଙ୍କୁ ଦଣ୍ଡ ଦିଆଯିବ । ପରେ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ନଇମ୍ ହାସନ କହିଛନ୍ତି ଯେ ସେ ସେତେବେଳେ ଭୟଭୀତ ହୋଇଯାଇଥିଲେ । ସେ ମନ୍ତବ୍ୟ ଦେଇଥିଲେ ଯେ ସ୍ଥାନୀୟ ବାସିନ୍ଦା ଏବଂ ତାଙ୍କ ସମର୍ଥକମାନେ ସେଠାରେ ନ ଥିଲେ ପରିସ୍ଥିତି ବହୁତ ଖରାପ ହୋଇପାରେ ।

# ବୈଭବ ସୂର୍ଯ୍ୟବଂଶୀଙ୍କ ସଫଳତାର ରାଜ୍ ଖୋଲିଲେ କୋଚ୍

**ନୂଆଦିଲ୍ଲୀ**

୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ତାଙ୍କ ବିସ୍ଫୋରକ ବ୍ୟାଟିଂରେ ସମସ୍ତଙ୍କୁ ମୋହିତ କରିଛନ୍ତି । କ୍ରିକେଟ ପ୍ରଶଂସକ ଏବଂ ପୂର୍ବତନ କ୍ରିକେଟରମାନେ ସମସ୍ତେ ତାଙ୍କ ବିସ୍ଫୋରକ ବ୍ୟାଟିଂ ପାଇଁ ପ୍ରଶଂସା କରୁଛନ୍ତି । ବୈଭବ ସୂର୍ଯ୍ୟବଂଶୀ ଓଟଖ ୨୦୨୬ ରେ ସର୍ବାଧିକ ରନ ସ୍କୋର କରି ଅରେଞ୍ଜ କ୍ୟାପ ଜିତିଥିଲେ ଏବଂ ବର୍ତ୍ତମାନ ଟିମ ଇଣ୍ଡିଆରେ ସ୍ଥାନ ପାଇଛନ୍ତି । ଏହି ସମୟରେ, ତାଙ୍କ ପିଲାଦିନର ପ୍ରଶିକ୍ଷକ ମନୀଷ ଓଝା ତାଙ୍କ ସଫଳତାର ରହସ୍ୟ ପ୍ରକାଶ କରିଛନ୍ତି ।



ବୈଭବ ସୂର୍ଯ୍ୟବଂଶୀଙ୍କ ପିଲାଦିନର ପ୍ରଶିକ୍ଷକ ମନୀଷ ଓଝାଙ୍କ ଅନୁସାରେ, ତାଙ୍କ ସଟ୍‌ର ଶକ୍ତି ଏବଂ କୌଶଳ ଛଅ ବର୍ଷର କଠିନ ପରିଶ୍ରମ ଏବଂ ସ୍ଥିର ଅଭ୍ୟାସର ଫଳ । ଓଝା କହିଛନ୍ତି ଯେ ବୈଭବ ପ୍ରତିଦିନ ପ୍ରାୟ ଆଠ ଘଣ୍ଟା ଅଭ୍ୟାସ କରିଥିଲେ ଏବଂ ପ୍ରାୟ ୧୦୦ ଓଭରର ସମ୍ମୁଖୀନ ହୋଇଥିଲେ । ମାତ୍ର ୧୫ ବର୍ଷ ବୟସରେ, ବିଶ୍ୱ କ୍ରିକେଟର ସବୁଠାରୁ ଚର୍ଚ୍ଚିତ ବ୍ୟାଟ୍ସମ୍ୟାନମାନଙ୍କ ମଧ୍ୟରୁ ଜଣେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଟିମ୍ ଇଣ୍ଡିଆ ପାଇଁ ମନୋନୀତ କରାଯାଇଛି ।

ଆଇପିଏଲ ୨୦୨୬ରେ ବୈଭବ ସୂର୍ଯ୍ୟବଂଶୀ ୨୩୭ର ପ୍ରଭାବଶାଳୀ ଷ୍ଟ୍ରାଇକ୍ ରେଟ୍ ସହିତ ୭୭୬ ରନ କରିଥିଲେ । ପ୍ରଶିକ୍ଷକ ମନୀଷ ଓଝା, ଯିଏ ବୈଭବଙ୍କୁ ଆଠ ବର୍ଷ ବୟସରୁ ତାଲିମ ଦେଇ ଆସୁଛନ୍ତି, ସେ ପିଟିଆଇକୁ କହିଛନ୍ତି ଯେ ବୈଭବଙ୍କ ସଫଳତା କଠିନ ପରିଶ୍ରମ ଏବଂ ତାଙ୍କ ମାତାପିତା, ସଞ୍ଜୀବ ଏବଂ ଆରତୀଙ୍କ ଅବଦାନ ଉପରେ ନିର୍ଭର କରେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଅନେକ ମାତାପିତା ଏବେ ସେମାନଙ୍କର ଛୋଟ ପିଲାମାନଙ୍କୁ 'ପରବର୍ତ୍ତୀ ବୈଭବ' କରିବା ଲକ୍ଷ୍ୟରେ ଏକାଡେମୀକୁ ଆଣୁଛନ୍ତି, କିନ୍ତୁ ଏହା ଏତେ ସହଜ ନୁହେଁ ଯେତେ ଦେଖାଯାଉଛି ।

ଯେତେବେଳେ ସୂର୍ଯ୍ୟବଂଶୀ ଟେନିସ୍ ବଲ ବଦଳରେ ହାର୍ଡବଲ ସହିତ ଖେଳିବା ଆରମ୍ଭ କରିଥିଲେ, ସେତେବେଳେ ସେ ୧୦ ବର୍ଷ ବୟସରୁ ଏପର୍ଯ୍ୟନ୍ତ ପ୍ରତିଦିନ ହାରାହାରି କେତେ ବଲ ଖେଳିଥିଲେ ? ଓଝାଙ୍କ ଉତ୍ତର ଆଶ୍ଚର୍ଯ୍ୟଜନକ ଥିଲା । 'ଦେଖନ୍ତୁ, ଆମେ ସେ କେତେ ବଲ ଖେଳିଥିଲେ ତାହା ଗଣନା କରୁନାହୁଁ, କିନ୍ତୁ ମୁଁ ଆପଣଙ୍କୁ ଏକ ମୋଟାମୋଟି ଆକଳନ ଦେଇପାରିବି ଯେ ସେ ନିଶ୍ଚୟ ୬୦୦ ରୁ ଅଧିକ ବଲ ଖେଳିଥିବେ । ମୁଁ ଆପଣଙ୍କୁ କିପରି କହିବି । ମୁଁ ପ୍ରାୟ ୨୦୦-୩୦୦ ବଲ ପାଇଁ ନିଜେ ଥ୍ରୋଡାଉନ ଦେଉଥିଲି । ଯେତେବେଳେ ମୁଁ କ୍ଳାନ୍ତ ହେଉଥିଲି, ଅନ୍ୟ ସପୋର୍ଟ ଷ୍ଟାଫ ମୋତେ ସାହାଯ୍ୟ କରୁଥିଲେ ଏବଂ ଯେତେବେଳେ ସେମାନେ କ୍ଳାନ୍ତ ହେଉଥିଲେ, ଆମର ଏକାଡେମୀ ବୋଲରମାନେ ସେମାନଙ୍କୁ ସାହାଯ୍ୟ କରୁଥିଲେ, ଓଝା ଏକ ସାକ୍ଷାତକାରରେ ପିଟିଆଇକୁ କହିଥିଲେ । କେତେବେଳେ ସେ କ୍ଳାନ୍ତ ମଧ୍ୟ ହେଉଥିଲେ ।

କୋଚ୍ ବ୍ୟାଖ୍ୟା କରିଥିଲେ ଯେ ଅଭ୍ୟାସ ସକାଳ ୭ଟା ୩୦ରେ ଆରମ୍ଭ ହୋଇଥିଲା ଏବଂ ସାଢ଼େ ୪ଟା ପର୍ଯ୍ୟନ୍ତ ଜାରି ରହିଥିଲା । ମନୀଷ ଓଝା ବିଶ୍ୱାସ କରନ୍ତି ଯେ ଛଅ ବର୍ଷର ନିରନ୍ତର ଅଭ୍ୟାସ ତାଙ୍କ ମଧ୍ୟରେ ଦୃଢ଼ 'ମଶଲ ମେମୋରି' ବିକଶିତ କରିଛି । ପ୍ରଶିକ୍ଷକ ବୈଭବଙ୍କ ମାତାପିତାଙ୍କ ଦ୍ୱାରା ସମ୍ମୁଖୀନ ହୋଇଥିବା ସଂଘର୍ଷ ବିଷୟରେ ମଧ୍ୟ ବର୍ଣ୍ଣନା କରିଥିଲେ ।

# ଶିଶୁମାନଙ୍କ ଉପଯୁକ୍ତ ଯତ୍ନ ଓ ସୁରକ୍ଷା ଉପରେ ଗୁରୁତ୍ୱ




**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଜୟନ୍ତୀ ପାଠାଗାର ସହାୟତା ସଭା ଗୃହରେ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ପାଳିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ପ୍ରାଧିକରଣ ସଚୀବ ତଥା ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅତିଥି ଆଲୋଚକ ଭାବେ ସହକାରୀ ଜିଲ୍ଲାପାଳ ମିସ୍ ଆଦ୍ୟାଶା ରାଉତ, ଯାଜପୁର ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ରାଧାନାଥ ନାୟକ, ପୋଲିସ ଅପରାଧ ଶାଖା ଅଧିକାରୀ ସୌମ୍ୟରଞ୍ଜନ ନାଥ ଏହି ଦିବସର ମହତ୍ୱ, ଶିଶୁ ରାଷ୍ଟ୍ର ଓ ପରିବାର ଭରସା ଓ ଭବିଷ୍ୟତ ସେମାନେ ବିପଦପୂର୍ଣ୍ଣ ସ୍ଥିତିରେ ବାଳ ଶ୍ରମିକ ଭାବେ କିପରି ଯନ୍ତ୍ରଣା ଭୋଗନକରିବେ ସେନେଇକି ପଦକ୍ଷେପ ନିଆଯିବା ଉଚିତ୍ ସହିତ ଶିଶୁ ଶ୍ରମ ଉଚ୍ଛେଦ ଆଇନ୍ ଅନୁଯାୟୀ ଶିଶୁଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ବନ୍ଧରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ସଞ୍ଚାଳନ କରିଥିଲେ । ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ସନ୍ଧ୍ୟାରାଣୀ ସାହୁ ଓ ହେମଲତା ସେଠୀ । ଧନ୍ୟବାଦ ଅର୍ପଣ କରିଥିଲେ ଶରତ ଚନ୍ଦ୍ର ରାଉତ । କର୍ଯ୍ୟକ୍ରମ ପରିଚାଳନା ରେ ପାଠାଗାର ସଭାପତି ସତ୍ୟ ସୁନ୍ଦର ସାହୁ ସମ୍ପାଦକ ସରୋଜିନୀ ସାହୁ ସଦସ୍ୟଗଣ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଭଉଣୀ ଘରୁ ଭାର ଦେଇ ଫେରୁଥିବା ବେଳେ ଦୁର୍ଘଟଣାରେ ଭାଇର ମୃତ୍ୟୁ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ବଡ଼ମ୍ବା ବ୍ଲକ୍ ବୈଦେଶ୍ୱର ଥାନା ଟି ସେତୁ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି । ବାଇକ୍ ଓ ଅଟୋ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଫଳରେ ଯୁବକଙ୍କର ମୁଣ୍ଡ କଟି ଗଣ୍ଡି ଅଲଗା ହୋଇଯାଇଛି । ଯାହାଫଳରେ ଘଟଣା ସ୍ଥଳରେ ଯୁବକ ଜଣଙ୍କର ମୃତ୍ୟୁ ଘଟିଛି । ସୂଚନାଥାଉକି, ବଡ଼ମ୍ବା ବୃନ୍ଦାବନପୁର ଅଞ୍ଚଳର ଶୁସିଲ କୁମାର ଗୋଛି (୨୨) ରଜ ଭାର ଦେଇ ନିଜ ଭଉଣୀ ଘରୁ ବାଇକ୍ ଯୋଗେ ଫେରୁଥିଲେ । ବଡମ୍ବା ଟି-ସେତୁ ଉପରେ ଏକ ଅଟୋକୁ ମୁହାଁମୁହିଁ ଧକ୍କା ଦେଇଥିଲେ । ଯାହା ଫଳରେ ଘଟଣାସ୍ଥଳରେ ଶୁସିଲର ମୁଣ୍ଡରୁ ଗଣ୍ଡୀ ଅଲଗା ହୋଇ ମୃତ୍ୟୁ ଘଟିଥିଲା ଏବଂ ଅଟୋ ରେ ଥିବା ୬ ଜଣ ମହିଳାଙ୍କ ସମେତ ଅଟୋ ଡ୍ରାଇଭର ଆହତ ହୋଇଥିଲେ । ଘଟଣା ସ୍ଥଳରେ ବୈଦେଶ୍ୱର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଆହତଙ୍କୁ ମେଡ଼ିକାଲ ପଠାଇ ଘଟଣାର ତଦନ୍ତ କରୁଛି । ଅପରପକ୍ଷରେ ମୃତ୍ୟୁ ଯୁବକର ପରିବାର ଲୋକେ କ୍ଷତି ପୂରଣ ଦାବିରେ ବୈଦେଶ୍ୱର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି ।

# ୧୮୭କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ଡାଟା ସେଣ୍ଟର : ଗଣଶିକ୍ଷା ମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟ ସରକାରଙ୍କ ସଫଳ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ଭବ୍ୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ସଫଳ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି ।



ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ରାଜ୍ୟରେ ବିଭିନ୍ନ ପ୍ରଗତିଶୀଳ ଯୋଜନାର ସଫଳ ରୂପାୟନ ହୋଇପାରିଛି । ସରକାର ସମାଜର ପ୍ରତିଟି ବର୍ଗଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି । ମହିଳା 'ସୁଭଦ୍ରା ଯୋଜନା' ଓ 'ଲକ୍ଷ୍ୟପତି ଦିଦି' ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଯାଉଛି ।

ସରକାରୀ ସ୍ତରରେ ମା' ମାନଙ୍କୁ ସର୍ବାଧିକ ପ୍ରାଧାନ୍ୟ ଓ ସମ୍ମାନ ଦିଆଯାଉଛି । ରାଜ୍ୟରେ ଶିକ୍ଷାର ମାନ ବୃଦ୍ଧି ପାଇଁ 'ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ' ଏବଂ ବୈଷୟିକ ଶିକ୍ଷାର ବିକାଶ ପାଇଁ 'ଉତ୍କର୍ଷ ଆଇଟିଆଇ' ପ୍ରତିଷ୍ଠା କରାଯାଇଛି । ଏହା ସହିତ ବିଦ୍ୟାଳୟ ଛାଡୁଥିବା ପିଲାଙ୍କସଂଖ୍ୟା ହ୍ରାସ କରିବା ଦିଗରେ ବ୍ୟାପକ ସଫଳତା ମିଳିଛି । ଯୁବପିଢ଼ିଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଖେଳକୁ ବିଶେଷ ପ୍ରାଧାନ୍ୟ ଦିଆଯାଉଛି ଏବଂ ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରାଯାଉଛି ।

'ସି.ଏମ.କିଷାନ' ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ସୁନିଶ୍ଚିତ କରାଯାଉଛି । 'ଆୟୁଷ୍ମାନ ଯୋଜନା' ଜରିଆରେ ଗରିବ ଓ ମଧ୍ୟବିତ୍ତ ଲୋକେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଉଥିବା ବେଳେ ସ୍ୱଚ୍ଛ ଭାରତ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱଚ୍ଛତା ବଜାୟ ରଖିବା ସହିତ ଜନସାଧାରଣଙ୍କୁ ଏକ ସୁସ୍ଥ ଓ ନିର୍ମଳ ପରିବେଶ ପ୍ରଦାନ କରିବାରେ ସରକାର ସଫଳ ହୋଇଛନ୍ତି । ଜିଲ୍ଲା ତଥା ରାଜ୍ୟର ପର୍ଯ୍ୟଟନ ଶିଳ୍ପର ଉନ୍ନତି ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି । ପ୍ରସିଦ୍ଧ ଶକ୍ତିପୀଠ ଘଟଗାଁକୁ ଯେପରି ଅଧିକରୁ ଅଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିପାରିବେ, ସେଥିପାଇଁ ବିଶେଷ ଭାବେ 'ମା' ତାରିଣୀ ପ୍ରକଳ୍ପ' କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ପୀଠର ସୌନ୍ଦର୍ଯ୍ୟକରଣ ଏବଂ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି ।

ବଡ଼ବିଲ ସହରର ଦୀର୍ଘଦିନର ଟ୍ରାଫିକ୍ ଓ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଗତ ୧୩ ଅପ୍ରେଲ ୨୦୨୬ ଦିନ ୧,୫୮୧ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ୧୮.୩୨୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ବାଇପାସ୍ ରିଂ-ରୋଡର ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପ ଅନ୍ତର୍ଗତ ଭଦ୍ରା ସାହିରୁ ସେରେଣ୍ଡା (୩.୭ କିମି), ସେରେଣ୍ଡାରୁ ବଲାଣି (୬.୩ କିମି) ଏବଂ ସେରେଣ୍ଡାରୁ ନଲ୍‌ଦା (୮.୩ କିମି) ରାସ୍ତା ନିର୍ମାଣ ହେବ । ଏହାଦ୍ୱାରା ଯାତାୟାତ ସମୟ ଅଧା ହେବା ସହ ପ୍ରଦୂଷଣ ଓ ଦୁର୍ଘଟଣା ହ୍ରାସ ପାଇବ ଏବଂ ଅଞ୍ଚଳରେ ଆର୍ଥିକ ସ୍ଥିତି ବୃଦ୍ଧି ପାଇବ । ଏହି ସମ୍ମିଳନୀରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ମନ୍ତ୍ରୀ ଶ୍ରୀ ଗଣ୍ଡ ଅତ୍ୟନ୍ତ ସନ୍ତୋଷଜନକ ଓ ସ୍ପଷ୍ଟ ଉତ୍ତର ରଖିଥିଲେ ।

ଓସିଏସି ମାଧ୍ୟମରେ ୧୮୭ କୋଟି ଟଙ୍କା ବ୍ୟୟରେ ଏହି ଡାଟା ସେଣ୍ଟର ନିର୍ମିତ ହେବ । ଏହା ଭୁବନେଶ୍ୱର ରାଜ୍ୟ ଡାଟା ସେଣ୍ଟରର ବ୍ୟାକଅପ୍ ଭାବେ କାର୍ଯ୍ୟ କରିବ । ଏହାଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ସରକାରଙ୍କ ୪୦୦ରୁ ଅଧିକ ଅନଲାଇନ୍ ସେବା ଏବଂ ନାଗରିକଙ୍କ ତଥ୍ୟ ସୁରକ୍ଷିତ ଓ ନିରବଚ୍ଛିନ୍ନ ରହିବ । ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ଯୋଗ ଦେଇଥିଲେ । ପ୍ରଶାସନିକ ସ୍ତରରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀମାନ ଉପସ୍ଥିତ ରହି ଏହି ସାମ୍ବାଦିକ ସମ୍ମିଳନୀର ପରିଚାଳନା ରେ ସହଯୋଗ କରିଥିଲେ ।



# ଓଡ଼ିଆ ସଂସ୍କୃତି,ପର୍ବ ଓ ପରମ୍ପରା ଚିର ସବୁଜ : ରଜ ପର୍ବ-୨୦୨୬ ର ଭବ୍ୟ ଆୟୋଜନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆମ ଓଡ଼ିଶା ରେ ବାର ମାସରେ ତେର ପର୍ବ। ପ୍ରମୁଖ ପର୍ବ ମାନଙ୍କ ମଧ୍ୟରୁ ରଜ ପର୍ବ ଅନ୍ୟତମ। ଜ୍ୟେଷ୍ଠ ମାସର ଶେଷ ଦିନରୁ ପହିଲି ରଜ ଭାବରେ ଆରମ୍ଭ ହୋଇ,ଆଷାଢ ମାସର ପ୍ରଥମ ଦିନ ରଜ ସଂକ୍ରାନ୍ତି ଓ ପର୍ବର ତୃତୀୟ ଦିନ ତଥା ଆଷାଢ ମାସର ଦ୍ୱିତୀୟ ଦିନ ଭୂଇଁ ଦହନ, ଏବଂ ଚତୁର୍ଥ ଦିନରେ ବସୁମତୀ ସ୍ନାନ ସହିତ ଶେଷ ହୁଏ ରଜ ପର୍ବ। ତେବେ ଏହି ମହାନ୍ କୃଷି ଭିତ୍ତିକ, ନାରୀ କୈନ୍ଦ୍ରିକ ପର୍ବ ନାରୀ ଋତୁମତୀ ବା ରଜସ୍ୱଳା ହେବା ପରି ଆଷାଢ ଆଗମନରେ ଭୂମି ସହିତ ମେଘର ମିଳନ ରେ ଭୂ ମାତା ଉତ୍ପାଦନ କ୍ଷମ ହେବାକୁ ସହାୟକ ହେବା ନେଇ ଏହି କୃଷି ଭିତ୍ତିକ ଗଣପର୍ବ କୁ ରଜ ପର୍ବ ରୂପେ ଧୁମ୍ ଧାମରେ ପାଳନ କରାଯାଏ। ଘରେ ଘରେ ପିଠା ପଣା ର ଆୟୋଜନ ସହିତ ଝିଅ ମାନେ ସଜ ହୋଇ ରଜ ପାନ,ଦୋଳି ଖେଳି ଏହି ପର୍ବ ପାଳିତ ହୋଇଥାଏ।ତେବେ ଉପକୂଳ ଓଡ଼ିଶା ରୁ ଆରମ୍ଭ ହୋଇଥିବା ଏହି ମହାନ୍ ପର୍ବ ,ବର୍ତ୍ତମାନ କେବଳ ଓଡ଼ିଶା ର ସମସ୍ତ ଅଂଚଳ ନୁହେଁ, ବରଂ ଦେଶର ବିଭିନ୍ନ ଅଂଚଳ ଓ ଭାଷାଭାଷୀ ଲୋକଙ୍କ ପାଇଁ ସାଜିଛି ଏକ ପ୍ରମୁଖ ଗଣପର୍ବ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଦେଖାଯାଇଛି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ପ୍ରୟାସ ଓ "ପରିଣିତା" ସଂଗଠନ ଦ୍ୱାରା ଆୟୋଜିତ 'ପରିଣିତା ରଜ ପର୍ବ-୨୦୨୬ ରେ। ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଥିବା ଏହି ରଜ ପର୍ବ, ଓଡ଼ିଶାର ଲୋକକଳା, ସଂସ୍କୃତି ଓ ରଜ ପରମ୍ପରାକୁ ଜୀବନ୍ତ ରଖିବା ଏବଂ ନୂତନ ପିଢ଼ୀଙ୍କ ମଧ୍ୟରେ ଏହାର ମହତ୍ତ୍ୱକୁ ପହଂଚାଇବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଥିଲା ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଯେଉଁଥିରେ ସାମିଲ ହୋଇଥିଲେ ବହୁ ଭାଷାଭାଷୀର ତିନି ହଜାର ରୁ ଅଧିକ ମହିଳା।ଯାହା ଏହି ରଜ ପର୍ବ ପାଳନ କୁ କରିଥିଲା ଅଧିକ ଭବ୍ୟ।

ଏଥିସହିତ ଗ୍ରାମାଂଚଳର ରଜ ପର୍ବର ପରିବେଶକୁ ମନେ ପକାଇବା ପାଇଁ ଫୁଲରେ ସୁସଜ୍ଜିତ ଦୋଳି ସ୍ଥାପନ କରାଯାଇଥିଲା। ମହିଳାମାନେ ଉତ୍ସାହର ସହିତ ଦୋଳି ଖେଳିବା ସହ ରଜର ପାରମ୍ପରିକ ଆନନ୍ଦକୁ ଉପଭୋଗ କରିଥିଲେ।

କାର୍ଯ୍ୟକ୍ରମରେ ପୋଡ଼ ପିଠା, ମଣ୍ଡା ପିଠା, ଆରିସା ପିଠା, ଛେନାପୋଡ଼, ଛେନା ଗଜା, ଦହିବରା-ଆଳୁଦମ, ପାନ, ପାପଡ଼ି ଚାଟ୍, ପୁରି-ଡାଲମା ଆଦି ପାରମ୍ପରିକ ଖାଦ୍ୟର ଆକର୍ଷଣୀୟ ଷ୍ଟଲ୍ ଲଗାଯାଇଥିଲା। ଏହାସହ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ, ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ ଷ୍ଟଲ୍ ମଧ୍ୟ ଆୟୋଜିତ ହୋଇଥିଲା।

ତିନି ହଜାରରୁ ଅଧିକ ମହିଳା ଏହି ରଜ ଉତ୍ସବରେ ଯୋଗଦେଇ ଏହାକୁ ସଫଳ କରିଥିଲେ। ଉତ୍ସବରେ ରଜ ଗୀତ ପ୍ରତିଯୋଗିତା,ପିଠା ପ୍ରତିଯୋଗିତା, ଝୋଟି ପ୍ରତିଯୋଗିତା, ନୃତ୍ୟ ପ୍ରତିଯୋଗିତା,ଶଙ୍ଖ ପ୍ରତିଯୋଗିତା, ହୁଳହୁଳି ପ୍ରତିଯୋଗିତା, ରଜ ଦୋଳି ପ୍ରତିଯୋଗିତା,ଓଡ଼ିଶୀ ନୃତ୍ୟ ପରିବେଷଣ ଓ ରାମ୍ପ ଶୋ ଆଦି ଆୟୋଜିତ ହୋଇଥିଲା।ଯେଉଁଥିରେ ସିନିୟର୍ ଓ ଜୁନିଅର୍ ବିଭାଗ ରେ ରଜ କୁଇନ୍ ବିବେଚିତ ହୋଇଥିଲେ।ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସମ୍ମାନିତ କରିଥିଲେ।

ଏହି ଅବସରରେ ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ କହିଥିଲେ ଯେ, ରଜ କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଆମ ଝିଅ ଓ ବୋହୂମାନେ ଏହି ଐତିହ୍ୟକୁ ଆଗାମୀ ପିଢ଼ୀ ପର୍ଯ୍ୟନ୍ତ ପହଂଚାଇବା ଆବଶ୍ୟକ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ରଜର ପରମ୍ପରାକୁ ଅଧିକ ସୁଦୃଢ଼ କରାଯାଇପାରିବ। ସେ ଆହୁରି ଘୋଷଣା କରିଥିଲେ ଯେ, ଆଗାମୀ ଦିନରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ସ୍ଥାନରେ ପ୍ରତିବର୍ଷ ରଜ ପର୍ବକୁ ଆହୁରି ବଡ଼ ଆକାରରେ ଆୟୋଜନ କରାଯିବ, ଯାହାଦ୍ୱାରା ଓଡ଼ିଆ ସଂସ୍କୃତି ଓ ରଜ ପରମ୍ପରା ଦେଶବ୍ୟାପୀ ପରିଚିତି ଲାଭ କରିପାରିବ। ଶେଷରେ ସାଂସଦ "ପରିଣିତା"ର ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ ଓ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇ ଏଭଳି ସଫଳ ଆୟୋଜନ ପାଇଁ ପ୍ରଶଂସା କରିଥିଲେ। ଏହି ଉତ୍ସବ ଓଡ଼ିଆ ପରମ୍ପରା, ନାରୀ ସଶକ୍ତିକରଣ ଓ ସାମାଜିକ ଏକତାର ଏକ ଅନନ୍ୟ ନିଦର୍ଶନ ହୋଇ ରହିବ ବୋଲି ସମସ୍ତେ ମତପୋଷଣ କରିଥିଲେ।

# କୋଣାର୍କରେ ୧୦୮ 'ସୂର୍ଯ୍ୟ ପ୍ରଣାମ' ଅଭ୍ୟାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ ରାଜ୍ୟପାଳ

**କୋଣାର୍କ, ନ୍ୟୁଜ ବ୍ୟୁରୋ**

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ 'ସୂର୍ଯ୍ୟ ପ୍ରଣାମ' ଅନୁଷ୍ଠିତ। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଯୋଗଦେଇ ଉଦଘାଟନ କରିଛନ୍ତି।

ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ କୋଣାର୍କ 'ସୂର୍ଯ୍ୟ ପ୍ରଣାମ' ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟମନ୍ଦିର ବେଢା ପରିସରରେ ସମୁହ ୧୦୮ ସୂର୍ଯ୍ୟ ପ୍ରଣାମ ଅଭ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗ ଦେଇ ସୂର୍ଯ୍ୟ ପ୍ରଣାମ କରିଛନ୍ତି। ଅନ୍ୟମାନଙ୍କ ଭିତରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର




ବେହେରା, ଏଏସଆଇ ସର୍କଲ ସୁପରିଟେଣ୍ଡେଟ ଡ. ମିଥୁନ ଚାଓଲେ, ପର୍ଯ୍ୟଟନ ସହ-ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ଯାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଗସ୍ତରେ ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

# ତହସିଲଦାରଙ୍କ ୨୦ ବର୍ଷର ପୁରୁଣା ଭିଜିଲାନ୍ସ ମାମଲା ରଦ୍ଦ ଆବେଦନ ଖାରଜ

**କଟକ, ନ୍ୟୁଜ ବ୍ୟୁରୋ**

କେବଳ ବିଳମ୍ବ ଆଧାରରେ ଫୌଜଦାରୀ ମାମଲାକୁ କୋର୍ଟ ରଦ୍ଦ କରି ପାରିବେ ନାହିଁ। ଅଭିଯୋଗ କେଉଁ ଧରଣର, ମାମଲାରେ ସାକ୍ଷୀ ସଂଖ୍ୟା, ଟ୍ରାଏଲର ସ୍ଥିତି, ଅଭିଯୁକ୍ତଙ୍କ ଦ୍ୱାରା ମାମଲା ବିଳମ୍ବ କରିବା ପାଇଁ ଗ୍ରହଣ କରାଯାଇଥିବା କୌଶଳ ଭଳି କାରଣକୁ ଏଥିପାଇଁ ବିଚାରକୁ ନିଆଯିବ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଜଣେ ପୂର୍ବତନ ତହସିଲଦାରଙ୍କ ବିରୋଧରେ ବିଚାରାଧୀନ ଭିଜିଲାନ୍ସ ମାମଲାକୁ ରଦ୍ଦ କରିବାକୁହାଇକୋର୍ଟ ମନା କରିଛନ୍ତି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ୟୁ.କେ.କରଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଖଲ୍ଲିକୋଟର ତହସିଲଦାର ତଥା ପ୍ରାଧିକୃତ ଅଧିକାରୀ ଥିଲେ

ମାମଲାର ବିବରଣୀରୁ ପ୍ରକାଶ ଯେ



ଜାତୀୟ ରାଜପଥ ପାଇଁ ଅଧିଗ୍ରହଣ କରାଯାଇଥିବା ଏକ ଜମିରେ ଥିବା ଆମ୍ବ ଗଛ ଗୁଡ଼ିକର ଭୁଲ ମୂଲ୍ୟାୟନ ରିପୋର୍ଟ ଆଧାରରେ ଜମିମାଲିକଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିଲା। ଏଥି ପାଇଁ ସରକାର ୨ଲକ୍ଷ ୨୯ ହଜାର ୨ଶହ ଟଙ୍କା କ୍ଷତି ସହିଥିଲେ ବୋଲି ଅଭିଯୋଗ ହୋଇଥିଲା। ସେତେବେଳେ ଆବେଦନକାରୀ ଖଲ୍ଲିକୋଟର ତହସିଲଦାର ତଥା ପ୍ରାଧିକୃତ ଅଧିକାରୀ ଥିଲେ। ୨୦୦୪ର ଏହି ଘଟଣା ହୋଇଥିବା ବେଳେ ୨୦୦୫, ସେପ୍ଟେମ୍ବର ୩୦ରେ ଭିଜିଲାନ୍ସ ଏତଲା ରୁଜୁ କରିଥିଲା। ୨୦୦୯, ଅକ୍ଟୋବର ୧୪ରେ ଆବେଦନକାରୀ ଓ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଭିଜିଲାନ୍ସ ଚାର୍ଜସିଟ ଦାଖଲ କରିଥିବା ବେଳେ ୨୦୨୧, ନଭେମ୍ବର ୮ରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ମାମଲାରେ ଚାର୍ଜଫ୍ରେମ ହୋଇଥିଲା। ଚାର୍ଜସିଟରେ ଉଲ୍ଲେଖ ୧୫ଜଣ ସାକ୍ଷୀଙ୍କ ମଧ୍ୟରୁ ୭ଜଣଙ୍କ ଅଦାଲତରେ ସାକ୍ଷ୍ୟ ଗ୍ରହଣ ହୋଇ ଶେଷ ହୋଇଥିବା ବେଳେ ମାମଲାର ଟ୍ରାଏଲ ଜାରି ରହିଛି। ୨୦୦୪ର ଘଟଣା ହୋଇଥିବା ବେଳେ ୨୦୨୬ରେ ମଧ୍ୟ ମାମଲାର ଫଏସଲା ହୋଇ ନାହିଁ। ଏଭଳି ବିଳମ୍ବ ଦ୍ୱାରା ଅଭିଯୁକ୍ତଙ୍କ ତ୍ୱରିତ ଶୁଣାଣିର ଅଧିକାର କ୍ଷୁଣ୍ଣ ହୋଇଛି ବୋଲି ଶୁଣାଣି ବେଳେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ୨୦୨୧ରେ ଜଣେ ସହଅଭିଯୁକ୍ତ ହାଇକୋର୍ଟରେ ରୁଜୁ କରିଥିବା ଆବେଦନରେ ଜାରି ଅନ୍ତରୀଣ ନିର୍ଦ୍ଦେଶ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ବିଚାରାଧୀନ ମାମଲାର ଶୁଣାଣି ଆଗେଇ ପାରି ନଥିଲା। ଏଥି ସହିତ ୨୦୨୫ରେ ମଧ୍ୟ କଗନିଜାନ୍ସ ନିର୍ଦ୍ଦେଶକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ ଓ ଏହାକୁ ପରବର୍ତ୍ତୀ ସମୟରେ ପ୍ରତ୍ୟାହାର କରି ନେଇଥିଲେ। ତେଣୁ ବିଳମ୍ବ ପାଇଁ କେବଳ ପ୍ରସିକ୍ୟୁସନ ଦାୟୀ ବୋଲି କୁହାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିବା ସହିତ ମାମଲାକୁ ଖାରଜ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡିଜିଟାଲ୍ ଯୁଗରେ ପ୍ରଯୁକ୍ତିବିଦ୍ୟା...

ଜାତି ଉପରେ ସେମାନଙ୍କର ପ୍ରଭାବ ଦ୍ୱାରା ମଧ୍ୟ ମୂଲ୍ୟାଙ୍କନ କରାଯିବା ଉଚିତ। ଏହା ହିଁ 'ଭାରତ ଇନୋଭେଟ୍ସ'ର ମୂଳ ବାର୍ତ୍ତା ବୋଲି ଉଲ୍ଲେଖ କରି ସେ ଉପସ୍ଥିତ ଲୋକମାନଙ୍କୁ ବିଶ୍ୱ ନବସୃଜନର ପରବର୍ତ୍ତୀ ଅଧ୍ୟାୟକୁ ମିଳିତଭାବେ ସୃଷ୍ଟି କରିବାରେ ଭାରତ ସହିତ ହାତ ମିଳାଇବାକୁ ଆମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସେମିକଣ୍ଡକ୍ଟର, ଜୈବ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ମହାକାଶ, ସ୍ୱାସ୍ଥ୍ୟସେବା, ଚିକିତ୍ସା-ପ୍ରଯୁକ୍ତିବିଦ୍ୟା, ଉନ୍ନତ ସାମଗ୍ରୀ ଏବଂ ସ୍ୱଚ୍ଛ ଶକ୍ତି ଭଳି ଅତ୍ୟାଧୁନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଏହା ପରେ ଉଭୟ ନେତା ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ବିଭିନ୍ନ ଅଗ୍ରଣୀ କ୍ଷେତ୍ରର ଷ୍ଟାର୍ଟ-ଅପ୍ ଓ ନବସୃଜନକାରୀଙ୍କ ସହିତ ଆଲୋଚନା କରିଥିଲେ। 'ଭାରତ ଇନୋଭେଟ୍ସ' ଭାରତକୁ ଏକ ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ରରେ ପରିଣତ କରିବା ପାଇଁ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ଯାହା ବିକଶିତ ଭାରତର ପରିକଳ୍ପନା ସହ ସମାନ ଏବଂ ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅବଦାନ ଦେବାରେ ଭାରତ-ଫ୍ରାନ୍ସ ସହଯୋଗର ଗୁରୁତ୍ୱକୁ ଦର୍ଶାଉଛି।

## ଓମାନ ସମୁଦ୍ରରେ ବୁଡ଼ିଲା...

ମଧ୍ୟ ଏଥିରେ ସାମିଲ ହୋଇଥିଲା। ଏହି ଜାହାଜ ସୋହାରରୁ ମୁମ୍ବାଇ ଆଡକୁ ଯାଉଥିଲା। ଆମେରିକା ପି-୮ ବିମାନର ଅନୁରୋଧରେ ସଙ୍କଟଗ୍ରସ୍ତ ଜାହାଜ ଆଡକୁ ଡଙ୍ଗା ପଠାଇ ଦିଆଯାଇଥିଲା। ଯାହାଫଳରେ ଯାତ୍ରୀଙ୍କୁ ସାହାଯ୍ୟ କରାଯାଇଥିଲା। ସରକାରୀ ଅଧିକାରୀମାନେ କହିଛନ୍ତି ଯେ, ଜାହାଜରେ ଥିବା ସବୁ ୧୪ ଯାତ୍ରୀ ଭାରତୀୟ ନାଗରିକ। ବର୍ତ୍ତମାନ ତାଙ୍କର ସ୍ଥିତିକୁ ନେଇ କୌଣସି ଅଫିସିଆଲ ସୂଚନା ସାମନାକୁ ଆସିନାହିଁ କିନ୍ତୁ ଉଦ୍ଧାର ଅଭିଯାନ ଉପରେ ଲଗାତାର ନଜର ରଖାଯାଇଛି। ଏହି ଘଟଣା ଓମାନର ପୂର୍ବ ଉପକୂଳ ନିକଟରେ ଘଟିଛି, ଯାହାକି ହର୍ମୁଜ ପାଖାପାଖି ରହିଛି। ନିକଟରେ ଆମେରିକା-ଇରାନ ଉତ୍ତେଜନା ଓ ପଶ୍ଚିମ ଏସିଆରେ ବଢୁଥିବା ସଂଘର୍ଷ କାରଣରୁ ଏହି ଅଞ୍ଚଳ ଖୁବ୍ ସମ୍ବେଦନଶୀଳ ଓ ରଣନୈତିକ ରୂପରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

## ବଜ୍ରାଘାତରେ ଚାଲିଗଲା...

ବଜ୍ରପାତ ହୋଇଥିଲା। ଆହତ ଅବସ୍ଥାରେ ୩ ଜଣଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥଲେ। ପ୍ରାଥମିକ ଚିକିତ୍ସା ପରେ ନରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଅଜୟ ଗୁରୁଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଆହତଙ୍କ ସହିତ ତାଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେପଟେ ପହିଲି ରଜରେ କେନ୍ଦ୍ରାପଡ଼ାରେ ଅଘଟଣ ଘଟିଛି। ବଜ୍ରପାତରେ ୧୫ ବର୍ଷୀୟ ବାଳକର ଜୀବନ ଯାଇଛି। ମୃତକ ହେଉଛନ୍ତି ରାଜନଗର ବ୍ଲକ ଘଡ଼ିଆମାଳ ଗାଁର ଦୈତାରୀ ସେଠୀଙ୍କ ଏକମାତ୍ର ପୁଅ ମନୋରଞ୍ଜନ ସେଠୀ।

## ଏନ୍‌ଇଇଟି-ୟୁଜି ସାନି ପରୀକ୍ଷା...

୨୧ ତାରିଖ ରବିବାର ଅପରାହ୍ନ ୨ଟାରୁ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଏନ୍‌ଇଇଟି-ୟୁଜି ପୁନଃ ପରୀକ୍ଷା କାଗଜକଲମରେ କରାଯିବ। ଚଳିତ ବର୍ଷ ମୋଟ ୨୨.୭୫ ଲକ୍ଷ ଛାତ୍ରୀଛାତ୍ର ଏନ୍‌ଇଇଟି-ୟୁଜି ପାଇଁ ନାମ ପଞ୍ଜୀକରଣ କରିଥିବାବେଳେ ମେ' ୩ରେ ଅନୁଷ୍ଠିତ ପରୀକ୍ଷାରେ ୨୨.୦୫ ଲକ୍ଷ ଯୋଗ ଦେଇଥିଲେ। ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ଉକ୍ତ ପରୀକ୍ଷାକୁ ବାତିଲ କରାଯାଇଥିଲା। ୨୧ ତାରିଖ ସାନି ପରୀକ୍ଷାରେ ଯେପରି କୌଣସି ଅନିୟମିତତା ନ ଘଟେ ସେଥିପାଇଁ କେନ୍ଦ୍ର କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନ ବରିଷ୍ଠ ଅଧିକାରୀମାନଙ୍କ ସହ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

## ପହିଲି ରଜରେ ୨...

ପାଇଁ ପଠେଇଦେଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

ସେହିପରି ଅପରାହ୍ନ ପ୍ରାୟ ୩ ବେଳେ ଉକ୍ତ ସ୍ଥାନ ଠାରୁ ମାତ୍ର ଅଳ୍ପ ଦୂରରେ ମଙ୍ଗଳା ମନ୍ଦିର ଛକ ନିକଟରେ ଆଉ ଏକ ବାଇକକୁ ଏକ ଲାଇନ୍ ଟ୍ରକ୍ ଧକ୍କା ଦେବା ଫଳରେ ବାଇକରେ ଯାଉଥିବା ତିନି ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳି ନ ଥିଲେ ହେଁ ସେମାନେ ସ୍ଥାନୀୟ ଅଞ୍ଚଳର ବୋଲି ଜଣା ପଡ଼ିଛି। ଦୁର୍ଘଟଣା ପରେ ଏନଏଚ ୪୯ରେ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକଙ୍କ ସମାଗମ ଯୋଗୁଁ ଯାତାୟାତ ବନ୍ଦ ରହିଥିଲା। ପୋଲିସ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ସରପଞ୍ଚ ଚାମେଲି ଓଝା ଜେଲ୍...

ଅଛନ୍ତି।ଘଟଣାକୁ ନେଇ ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ ଏହି ଘଟଣାରେ କିଏ ସମ୍ପୃକ୍ତ କାହାର ଦୋଷ ଅଛି ସ୍ୱଷ୍ଟତା ଆସିବ। କୌଣସି ଘଟଣା ଘଟିଲେ ତାକୁ ବିରୋଧୀ ରାଜନୈତିକ ରଙ୍ଗ ଦେବା ସ୍ୱାଭାବିକ। ଏହାକୁ ନେଇ ଏବେ ଟିପ୍ପଣୀ ଦେବା ଠିକ୍ ହେବ ନାହିଁ। ରିପୋର୍ଟ ଆସିଲେ ଯିଏ ସମ୍ପୃକ୍ତ ତାଙ୍କ ବିରୋଧରେ ଆକ୍ସନ ନିଆଯିବ ବୋଲି ଆଇନ୍ ମନ୍ତ୍ରୀ କହିଛନ୍ତି।

## ଗଣପର୍ବ ରଜ : ଶାନ୍ତି ଓ ସମୃଦ୍ଧି କାମନା...

ବିଶିଷ୍ଟ ବ୍ୟକ୍ତି ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, 'ଗଣପର୍ବ 'ରଜ' ଉପଲକ୍ଷେ ଦେଶବାସୀଙ୍କୁ, ବିଶେଷକରି ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ବର୍ଷାଋତୁର ଏହି ଆବାହନୀ ଉତ୍ସବ ମାଟି, ମା ଓ ମେଘକୁ ସମ୍ମାନ ଜଣାଇ ପାଳନ କରାଯାଏ। ପିଠା, ପାନ ଓ ଦୋଳି ଖେଳର ଆସର ଭିତରେ ରଜ ଆମକୁ ପ୍ରକୃତି ସହିତ ମିଳିମିଶି ରହିବାର ବାର୍ତ୍ତା ଦେଇଥାଏ। ରଜ ପର୍ବର ଏହି ବିଶେଷତ୍ୱ ଆମକୁ ଦେଶ-ବିକାଶରେ ବ୍ରତୀ ହେବା ପାଇଁ ପ୍ରେରଣା ଦେବ ବୋଲି ମୋର ଆଶା। ରଜ ଅବସରରେ ମୁଁ ରାଜ୍ୟ ତଥା ଦେଶବାସୀଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଅଛି।' ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ତାଙ୍କ ଏକ୍ସରେ ଲେଖିଛନ୍ତି, 'କୃଷିଭିତ୍ତିକ ଗଣପର୍ବ ରଜ ହେଉଛି ଓଡ଼ିଶାର ସଂସ୍କୃତି, ପ୍ରକୃତି, ପ୍ରଗତି ଏବଂ ପରମ୍ପରାର ମହାନ ପର୍ବ। ପରିବେଶ ସୁରକ୍ଷାର ବାର୍ତ୍ତା ଏହି ପର୍ବରେ ନିହିତ। ମା' ମାଟିର ମହନୀୟତାକୁ ପ୍ରତିପାଦିତ କରିବା ସହ ଭାଇଚାରା, ମୈତ୍ରୀ ଓ ସଦ୍ଭାବନାକୁ ସୁଦୃଢ଼ କରେ ଏହି ପର୍ବ। ହର୍ଷୋଲ୍ଲାସର ପର୍ବ ରଜ ଅବସରରେ ଓଡ଼ିଶାର ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।' ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରଜର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି। ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା।' ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି,'ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ସଭିଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ଅନନ୍ୟ ସଂସ୍କୃତି ଓ ପରମ୍ପରା ହେଉଛି ପ୍ରକୃତି ପ୍ରତି ଆମ ସମ୍ମାନର ପ୍ରତୀକ। ଆନନ୍ଦ ଓ ଉଲ୍ଲାସର ଏହି ଅବସର ସଭିଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଭରିଦେଉ।

## କାଳବୈଶାଖୀ ସମ୍ଭାବନା...

କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ। ଅନୁରୂପ ଭାବେ ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ୧୫ ତାରିଖ ସକାଳ ଠାରୁ ୧୬ ତାରିଖ ସକାଳ ସୁଦ୍ଧା ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୧୬ ତାରିଖ ସକାଳ ଠାରୁ ୧୭ ତାରିଖ ସକାଳ ସୁଦ୍ଧା ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୧୭ ତାରିଖ ସକାଳ ଠାରୁ ୧୮ ତାରିଖ ସକାଳ ସୁଦ୍ଧା ୮ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୧୮ ତାରିଖ ସକାଳ ଠାରୁ ୧୯ ତାରିଖ ସକାଳ ସୁଦ୍ଧା ୩୦ ଜିଲ୍ଲା, ୧୯ ତାରିଖ ସକାଳ ଠାରୁ ୨୦ ତାରିଖ ସକାଳ ସୁଦ୍ଧା ୨୩ ଜିଲ୍ଲା, ୨୦ ତାରିଖ ସକାଳ ଠାରୁ ୨୧ ତାରିଖ ସକାଳ ସୁଦ୍ଧା ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।

## ଏଲ୍‌ନିନୋ ପ୍ରଭାବରେ ଦେଶରେ...

ବ୍ୟବସ୍ଥାର ପ୍ରଧାନ ଭୂମିକା ରହିଥାଏ। ଅଧିକାଂଶ ଖାଉଟି ସାମଗ୍ରୀ ବିକ୍ରିରେ ୩୦ରୁ୪୦% ଯୋଗଦାନ ରଖିଥାଏ ଗ୍ରାମୀଣ ବଜାର। କୃଷି ଅର୍ଥନୀତି ପ୍ରଭାବିତ ହେବା ଫଳରେ ସମଗ୍ର ଅର୍ଥନୀତିରେ ଚାହିଦା ଖସିବା ସମ୍ଭାବନା ରହିଛି। ଏହା ଦେଶର ଜିଡିପିକୁ ସଂକୁଚିତ କରିପାରେ। ଚାଷୀ ଆୟ ଦୁଇ ଗୁଣା କରିବା ପାଇଁ ଉଦ୍ଦିଷ୍ଟ କମିଟିର ପୂର୍ବତନ ଅଧକ୍ଷ ଏବଂ ବର୍ତ୍ତମାନ କର୍ଣ୍ଣାଟକ ଏଗ୍ରିକଲ୍‌ଚରାଲ ପ୍ରାଇସ୍ କମିସନର ଅଧକ୍ଷ ଅଶୋକ ଦଲୱାଇ କହିଲେ, ଦୁର୍ବଳ ମୌସୁମୀ କାରଣରୁ ସୋୟାବିନ, ହରଡ଼, ବିରି ଏବଂ କପା ଭଳି ଫସଲ ବଡ଼ ମାତ୍ରାରେ ପ୍ରଭାବିତ ହୋଇପାରେ। ଲମ୍ବା ସମୟ ଧରି ମରୁଡ଼ି ଯୋଗୁ ଫସଲ ଉତ୍ପାଦନ ଏବଂ ଚାଷୀ ଆୟ କମିଯିବ। ସେ ଆହୁରି କହିଲେ ଯେ, ବର୍ଦ୍ଧିତ ଇନ୍ଧନ ଦର ଯୋଗୁ ଚାଷଜମିକୁ ପ୍ରସ୍ତୁତ କରିବା, ମେଶିନ୍ ଜରିଆରେ ଚାଷକାର୍ଯ୍ୟ କରିବା ଏବଂ ଡିଜେଲ ଦ୍ୱାରା ଜଳସେଚନ ପମ୍ପ ସେଟ୍ ପରିଚାଳନା ଖର୍ଚ୍ଚ ବଢୁଛି।

ପ୍ରକାଶଯୋଗ୍ୟ, ଚାଷୀମାନେ ପୂର୍ବରୁ ହିଁ ଅଧିକ ଜଳ ଏବଂ ଅଧିକ ଆୟଯୁକ୍ତ ଫସଲ ବଦଳରେ କମ୍ ଜଳ ଆବଶ୍ୟକତା କରୁଥିବା ଓ କମ୍ ଆୟ ଦେଉଥିବା ଫସଲ(ଯେପରି ବାଜରା, ଯଅ ଏବଂ ମୁଗ) କରିବା ପାଇଁ ଯୋଜନା କରିସାରିଲେଣି।

ଅନ୍ୟପକ୍ଷରେ ଗୁଲାଟି କହିଛନ୍ତି ଯେ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ(ସିପିଆଇ) ଆଧାରିତ ଦରଦାମ ବଢ଼ିବା ଥୟ। ସେ କହିଲେ, ଡାଲି, ତୈଳବୀଜ, କପା, ମୋଟା ଶସ୍ୟ ଏବଂ ପନିପରିବା ଉତ୍ପାଦନ ପ୍ରଭାବିତ ହୋଇପାରେ ଏବଂ ଏଗୁଡ଼ିକର ଦର ବଢ଼ିବ। ଖାଦ୍ୟପେୟ ସାମଗ୍ରୀ ଦର ବଢ଼ିବ। ଖୁଚୁରା ମୁଦ୍ରାସ୍ଫୀତି ୫% ଉପରକୁ ଚାଲିଯାଇପାରେ, ଯାହା ଅକ୍ଟୋବର-ନଭେମ୍ବର ସୁଦ୍ଧା ପ୍ରାୟ ୬% ପର୍ଯ୍ୟନ୍ତ ଯାଇପାରେ।

ସାର, କୀଟନାଶକ ଏବଂ ଚାଷକାର୍ଯ୍ୟରେ ବ୍ୟବହାର ହେଉଥିବା ଅନ୍ୟ ସାମଗ୍ରୀ ଦର ବଢ଼ିବା ଫଳରେ ଚାଷୀଙ୍କ ଆୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅଭାବ ଯୋଗୁ ଚାଷୀ ଗ୍ରେ ମାର୍କେଟଠାରୁ ଅଧିକ ଦରରେ ସାର କିଣୁଛନ୍ତି। ଏହାସହିତ ଇରାନ ବିରୋଧରେ ଆମେରିକା ଏବଂ ଇସ୍ରାଏଲର ଯୁଦ୍ଧ ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ଟ୍ରାକ୍ଟରରେ ବ୍ୟବହାର ହେଉଥିବା ଡିଜେଲ ଦର ବଢ଼ିଯାଇଛି। ଏହା ଚାଷୀଙ୍କ ଖର୍ଚ୍ଚ ବଢ଼ାଇଦେଇଛି। ବିଶେଷଜ୍ଞଙ୍କ ଆଶଙ୍କା ଯେ, ଆଗକୁ ବିପର୍ଯ୍ୟସ୍ତ ହୋଇପାରେ କୃଷି ଅର୍ଥନୀତି।

## ରଜ ଅବସରରେ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା

# ସିସିଟିଭିରେ ନଜର ରଖା ଯିବା ସହ ସାଧା ପୋଷାକଧାରୀ ପୋଲିସ ମୁତୟନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରଜ ପର୍ବକୁ ନେଇ ଉତ୍ସବମୁଖର ହୋଇଉଠିଛି ରାଜଧାନୀ ଭୁବନେଶ୍ୱର। ସହରର ବିଭିନ୍ନ ସ୍ଥାନରେ ଦୋଳି, ପୋଡ଼ପିଠା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଚାଲିଥିବା ବେଳେ ପର୍ବ ସମୟରେ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ରଜ ମହୋତ୍ସବକୁ ନେଇ ରାଜଧାନୀର ବିଭିନ୍ନ ଅଂଚଳରେ ଜୋରଦାର ପ୍ରସ୍ତୁତି ଚାଲିଛି। ସାଜସଜ୍ଜା, ଦୋଳି ଏବଂ ସାଂସ୍କୃତିକ ମଂଚ ପ୍ରସ୍ତୁତିରେ ଆୟୋଜକ ଓ ସ୍ଥାନୀୟ ବାସିନ୍ଦାମାନେ ବ୍ୟସ୍ତ ଥିବାବେଳେ ଚାରିଆଡ଼େ ପର୍ବର ଉତ୍ସାହ ଓ ଆନନ୍ଦର ପରିବେଶ ଦେଖିବାକୁ ମିଳୁଛି।

ତେବେ ପର୍ବପର୍ବାଣୀ ସମୟରେ ଭିଡ଼ର ସୁଯୋଗ ନେଇ ଚୋରି, ଲୁଟ୍ ଏବଂ ସୁନା ଅଳଙ୍କାର ଛିନତାଇ ଭଳି ଅପରାଧ ଘଟିବାର ଆଶଙ୍କାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ସହରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି।

ପୋଲିସ ସୂଚନା ଅନୁଯାୟୀ, ସହରର ପ୍ରମୁଖ ସ୍ଥାନ ଏବଂ ଯେଉଁ ସବୁ ପଡ଼ିଆରେ ରଜ ମହୋତ୍ସବ ପାଳନ କରାଯାଉଛି, ସେଠାରେ ସିସିଟିଭି ମାଧ୍ୟମରେ ନିରନ୍ତର ନଜରଦାରି କରାଯିବ। ଏହାସହ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଗତିବିଧି ଉପରେ କଡ଼ା ନଜର ରଖିବା ପାଇଁ ସାଧା ପୋଷାକଧାରୀ ପୋଲିସ କର୍ମଚାରୀଙ୍କୁ ମଧ୍ୟ ମୁତୟନ କରାଯିବ।

ବିଶେଷକରି ଚନ୍ଦ୍ରଶେଖରପୁର ଅଂଚଳରେ ୪ରୁ ୫ଟି ସ୍ଥାନରେ ବୃହତ୍ ଆକାରରେ ରଜ ମହୋତ୍ସବ ଆୟୋଜିତ ହେବାକୁ ଥିବାରୁ ସେହି ଅଂଚଳରେ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଉଛି ଏବଂ ପାଟ୍ରୋଲିଂ ବ୍ୟବସ୍ଥାକୁ ମଧ୍ୟ ଜୋରଦାର କରାଯାଇଛି।


ପୋଲିସ ପକ୍ଷରୁ ସାଧାରଣ ଲୋକଙ୍କୁ ସଚେତନ ରହିବା ସହ ଭିଡ଼ପୂର୍ଣ୍ଣ ସ୍ଥାନକୁ ଅନାବଶ୍ୟକ ଭାବେ ସୁନା ଅଳଙ୍କାର ପିନ୍ଧି ନ ଆସିବାକୁ ପରାମର୍ଶ ଦିଆଯାଇଛି। ଲୋକଙ୍କ ସହଯୋଗ ଓ ସଚେତନତା ଦ୍ୱାରା ରଜ ପର୍ବକୁ ସୁରକ୍ଷିତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯାଇପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।


# ରକ୍ତଦାନ ପାଇଁ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଶ୍ୱ ରକ୍ତଦାତା ଦିବସ ଅବସରରେ ରକ୍ତଦାନ ପାଇଁ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଜଣାଇଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା। ଏହି ପବିତ୍ର ଦିବସରେ, ଜୀବନ ରକ୍ଷା ପାଇଁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଥିବା ସମସ୍ତ ମହାନ ରକ୍ତଦାତାମାନଙ୍କୁ ମୋର କୋଟି କୋଟି ପ୍ରଣାମ ଓ କୃତଜ୍ଞତା। ଆସନ୍ତୁ, ଆମେ ସମସ୍ତେ ମିଶି ରକ୍ତଦାନ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ଏହି ମହତ କାର୍ଯ୍ୟରେ ସାମିଲ ହେବା।

# ବର୍ଷା ପାଇଁ ବିଏମ୍‌ସିର ପ୍ରସ୍ତୁତି: ନିୟୋଜିତ ହେଲେ ରାପିଡ୍ ଆକ୍ସନ ଟିମ୍





**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସହରାଞ୍ଚଳ ବନ୍ୟା ନିୟନ୍ତ୍ରଣ ତଥା ବର୍ଷାଜନିତ ଜଳ ନିଷ୍କାସନ ସମସ୍ୟା ଉପରେ ନଜର ରଖିବାକୁ ବିଏମ୍‌ସି ପକ୍ଷରୁ ଆଜିଠାରୁ ରାପିଡ୍ ଆକ୍ସନ୍ ଟିମ୍(ରାଟ୍) ନିୟୋଜିତ କରାଯାଇଛି। ଏହି ଟିମ୍ ଆବଶ୍ୟକ ଉପକରଣ, ଯନ୍ତ୍ରପାତି ସହ ୨୪ ଘଣ୍ଟିଆ କାର୍ଯ୍ୟ କରିବ। ବର୍ଷା ଜଳ ଜମା ହେଉଥିବା ଅଞ୍ଚଳରେ ତୁରନ୍ତ ପହଞ୍ଚି ଜଳ ନିଷ୍କାସନ ବ୍ୟବସ୍ଥା କରିବ। ଏଥିପାଇଁ ବିଏମ୍‌ସି ପକ୍ଷରୁ ଟିମ୍‌କୁ ଗାଡ଼ି, ପାଣି ପମ୍ପ, ଡ୍ରେନ୍ ସଫେଇ ପାଇଁ ଆବଶ୍ୟକ ସଂରଜାମ, ଗଛ କାଟିବା ଯନ୍ତ୍ର ଆଦି ପ୍ରଦାନ କରାଯାଇଛି।

ଏହି ଉପଲକ୍ଷେ ଆଜି ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡେପୁଟି ମେୟର ମଂଜୁଲତା କହଁର, କମିସନର ଚଞ୍ଚଳ ରାଣା, ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ, ଷ୍ଟାଣ୍ଡିଂ କମିଟି ଅଧକ୍ଷ, ବହୁ କର୍ପୋରେଟର ଉପସ୍ଥିତ ଥିଲେ। ଅତିଥିମାନେ ରାଟ୍ ଟିମ୍‌କୁ ବିଭିନ୍ନ ଯନ୍ତ୍ରପାତି ପ୍ରଦାନ କରିବା ସହ ଜରୁରୀକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ ସ୍ୱତନ୍ତ୍ର ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କମିସନର ଚଞ୍ଚଳ ରାଣା କହିଛନ୍ତି, ସହରର ବର୍ଷା ଜଳ ନିଷ୍କାସନ ପାଇଁ ବିଏମ୍‌ସି ଅଞ୍ଚଳରେ ପୂର୍ତ୍ତ ବିଭାଗର ୩୬୦ କିଲୋମିଟର ପ୍ରମୁଖ ନାଳ ଓ ୧୩୦୦ କିଲୋମିଟର ଶାଖା ନାଳ ରହିଛି। ନିରବଚ୍ଛିନ୍ନ ଜଳ ନିଷ୍କାସନକୁ ସୁନିଶ୍ଚିତ କରିବା ପାଇଁ ପୂର୍ତ୍ତ ବିଭାଗର ୩୬୦ କିଲୋମିଟର ପ୍ରମୁଖ ନାଳକୁ ୮ଟି ଭାଗରେ ବିଭକ୍ତ କରାଯାଇଛି। ସେବା ଯୋଗାଉଥିବା ଏଜେନ୍ସିମାନେ ଏହି ଡ୍ରେନ୍‌ଗୁଡ଼ିକର ବ୍ୟବସ୍ଥିତ ସଫେଇ, ପଙ୍କୋଦ୍ଧାର ଓ ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ଅଛନ୍ତି। ବାକି ସହରାଞ୍ଚଳ ବନ୍ୟା ସମସ୍ୟାର ତୁରନ୍ତ ମୁକାବିଲା ପାଇଁ ୮ଟି ରାପିଡ୍ ଆକ୍ସନ୍ ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୪ଜଣ ଲେଖାଏଁ ତାଲିମପ୍ରାପ୍ତ କର୍ମଚାରୀ ଅଛନ୍ତି।

ସମସ୍ତ କର୍ମଚାରୀଙ୍କୁ କ୍ଷେତ୍ର ପରିଚାଳନା ପାଇଁ ସମ୍ପୂର୍ଣ୍ଣ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଇଛି। ପୋର୍ଟେବଲ୍ ପମ୍ପସେଟ୍, ମେକାନିକାଲ୍ ଜେଟିଙ୍ଗ୍ ମେସିନ୍, କଂକ୍ରିଟ୍ ବ୍ରେକର ସହ ଅନ୍ୟାନ୍ୟ ହାତ ଉପକରଣ ଯୋଗାଇ ଦିଆଯାଇଛି। ଜରୁରୀକାଳୀନ ନିୟୋଜନ ପାଇଁ ଆବଶ୍ୟକ ଯାନ, ଲଜିଷ୍ଟିକ୍ ସହାୟତା ସହିତ ପ୍ରସ୍ତୁତ ହୋଇ ରହିଛନ୍ତି। ପ୍ରମୁଖ ସଡ଼କ ଓ ଆଖପାଖ ସମ୍ବେଦନଶୀଳ ଅଞ୍ଚଳରେ ପାଣି ଜମା ହେବା ମାତ୍ରେ ଜରୁରୀକାଳୀନ ଭିତ୍ତିରେ ରାଟ୍ ଟିମ୍ କାମ କରିବେ। ଜଳ ନିଷ୍କାସନ ଓ ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ କରିବା ପାଇଁ ଏହି ରାଟ୍ ଟିମ୍‌କୁ ନିୟୋଜିତ କରାଯାଇଛି ବୋଲି କହିଛନ୍ତି କମିସନର। ଏହି ଅବସରରେ ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, ଡ୍ରେନେଜ୍ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱର, ୧୫ ଜୁନ୍, ସୋମବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ରଥରେ ତାଗ ବାଡ଼ିଆ ଆରମ୍ଭ : ଖଳାରେ 'ଗାରେଡ଼ି ଓ ଅଂଳା' ନିର୍ମାଣ

**ପୁରୀ, ୧୪/୦୬**
**ନ୍ୟୁଜ ବ୍ୟୁରୋ**

ବେଶ୍ ନିଷ୍ଠାରେ ଚାଲିଛି ମହାପ୍ରଭୁଙ୍କ ରଥ ନିର୍ମାଣ । ରଥରେ ତାଗ ବାଡ଼ିଆ ଆରମ୍ଭ ହୋଇଛି । ତାଗ ହେଉଛି ବରଗା ଭଳି ଲମ୍ୱା କାଠ । ତାଗ ଉପରେ ପଟା ପଡ଼ିଲେ ରଥର ଚଟାଣ ପ୍ରସ୍ତୁତ ହେବ । ଦୁଆରଘଡ଼ା କାମ ଆରମ୍ଭ ହୋଇଛି । ଅପରାହ୍ଣରେ ଆରଡିସି ସୁଧାଂଶୁ ମୋହନ ସାମଲ ଓ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରଥ ଖଳା ବୁଲି ନିର୍ମାଣକାରୀଙ୍କ ସହ ଆଲୋଚନା କରିଛନ୍ତି । ଏଥିସହ ରଥ କମିଟି ସଦସ୍ୟମାନେ ରଥର ବ୍ରେକ୍ କାଠର ସ୍ଥିତି ଯାଞ୍ଚ କରିଛନ୍ତି । ଚଳିତ ବର୍ଷ ରଥ ପାଇଁ ନୂଆ ବ୍ରେକ୍ ପ୍ରସ୍ତୁତ ହେଉଛି ବୋଲି ସୂଚନା ରହିଛି ।

ଦେବୀ ରଥର ଅଭିଜ୍ଞ ବିଶ୍ୱକର୍ମା ସୁରେନ୍ଦ୍ର ମହାରଣା କୁହନ୍ତି ଖଳାରେ ଦୁଆରଘଡ଼ାର ଦୁଇ ଅଂଶ 'ଗାରେଡ଼ି ଓ ଅଂଳା' ତିଆରି କରାଯାଉଛି । ମହି ତଥା କଞ୍ଚା କାଠରୁ ବକଳା ଛଡ଼ାଇ ବାରିସିରେ ହାଣି ନିର୍ଦ୍ଦିଷ୍ଟ ମାପ ଅନୁସାରେ ଅଂଳା ଓ ଗାରେଡ଼ି ତିଆରି ହେଉଛି । ରଥର ଚତୁଃପାର୍ଶ୍ୱରେ ଲାଗେ ୪ ଦୁଆରଘଡ଼ା । ୩ ରଥ ପାଇଁ ନିର୍ମାଣ ହୁଏ ୧୨ ଦୁଆରଘଡ଼ା । ଦୁଆର ଘଡ଼ାର ଉପର ଅଂଶ ହେଉଛ 'ଚନ୍ଦ୍ରଶାଳି' । ଗୋଟିଏ ଦୁଆରଘଡ଼ାର ଦୁଇପଟେ ଲାଗେ ଗାରେଡ଼ି । ଚନ୍ଦ୍ରଶାଳିରେ ଲାଗିବ ଅଂଳା । କାହିଁ କେଉଁ ଅମଳରୁ ଏସବୁ କଞ୍ଚା କାଠରେନିର୍ମାଣ ହେଉଥିବା ସେ କୁହନ୍ତି । ଚିତ୍ରକର ସେବକମାନେ ରଥାଂଶକୁ ଜୀବନ୍ତ କରିବାରେ ଲାଗିଛନ୍ତି । ରଥର ଶିଖରଡ଼ମ୍ୱରୁ ଚିତ୍ର ଚାଲିଛି । ରଥରେ ଶିଖରଡ଼ମ୍ୱରୁ ଲାଗିଲେ ପାର୍ଶ୍ୱ ଦେବତା ସ୍ଥାପନା ହେବେ । ପ୍ରତି ରଥରେ ୯ଜଣକରି ପାର୍ଶ୍ୱ ଦେବତା ବିଜେ କରିବେ ।



# ପହିଲି ରଜରେ ଜନସମୁଦ୍ର ପାଲଟିଲା ଶ୍ରୀକ୍ଷେତ୍ର

**ପୁରୀ, ୧୪/୦୬**
**ନ୍ୟୁଜ ବ୍ୟୁରୋ**

ରବିବାର ସାଙ୍ଗକୁ ପହିଲି ରଜ । ଏନେଇ ଶ୍ରୀକ୍ଷେତ୍ର ଜନସମୁଦ୍ର ପାଲଟିଛି । ସିଂହଦ୍ୱାର ସାମ୍ନା ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ଛୁଟିଦିନ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ଲାଗି ଲମ୍ୱା ଲାଇନ୍ ଲଗାଇଥିଲେ ଭକ୍ତମାନେ । ମାତ୍ର ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ସେମାନଙ୍କୁ କଲବଲ ହେବାକୁ ପଡିଛି ।

ରଜରେ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଛି । ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ଅପେକ୍ଷାରେ ରହିଥିଲେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ସାନିଧ ଲାଭ କରିବେ । ଏନେଇ ପହୁଡ଼ ଖୋଲିବା ଠାରୁ ଶ୍ରଦ୍ଧାଳୁମାନେ ଲମ୍ୱା ଲାଇନ୍ ଲଗାଇଥିଲେ । ହେଲେ ପ୍ରବଳ ଖରା ଯୋଗୁ ସେମାନଙ୍କୁ କଲବଲ ହେବାକୁ ପଡିଥିଲା । ଗୁଳୁଗୁଳି ଅସ୍ତବ୍ୟସ୍ତ କରିଦେଇଥିଲା ବେଳେ ଶ୍ରୀଜୀଉଙ୍କ ଦର୍ଶନ ଲାଗି ବ୍ୟାକୁଳ ହୋଇପଡିଥିଲେ ଶ୍ରଦ୍ଧାଳୁ । ସେପଟେ ପ୍ରବଳ ଗରମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଗରମ ଓ ଗୁଳୁଗୁଳିରୁ ରକ୍ଷା ପାଇଁ ଅଗ୍ନିଶମ ବାହିନୀ ପାଣି ସିଞ୍ଚନ କରୁଥିବା ବେଳେ ଭକ୍ତଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ମଧ କରାଯାଇଥିବା ସୂଚନା ମିଳିଛି ।



# ଅଭିଭାବକତ୍ୱ ବିବାଦରେ ମନସ୍ତାତ୍ତ୍ୱିକ ସ୍ଥିତି ବିଶ୍ଳେଷଣ ଅପରିହାର୍ଯ୍ୟ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୪/୦୬**

ପିଲାର ଅଭିଭାବକତ୍ୱ ନେଇ ପିତା-ମାତାଙ୍କ ମଧ୍ୟରେ ବିବାଦ ମାମଲାରେ ଉଭୟ ପିତା-ମାତାଙ୍କ ମନସ୍ତାତ୍ତ୍ୱିକ ସ୍ଥିତି ବିଶ୍ଳେଷଣ କରାଯିବା ଅପରିହାର୍ଯ୍ୟ ବୋଲି ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି । ଏକ ଅଭିଭାବକତ୍ୱ ବିବାଦର ଶୁଣାଣି କରି ସୁପ୍ରିମକୋର୍ଟ ବିଚାରପତି ସଞ୍ଜୟ କାରୋଲ ଏବଂ ବିଚାରପତି ଏନ୍.କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଦର୍ଶାଇଥିଲେ ଯେ ପିଲାଟି ବାପା କିମ୍ୱା ମା' କାହା ପାଖରେ ରହିବ ସେଥିପାଇଁ ଅଦାଲତ ନିଷ୍ପତ୍ତି ଗ୍ରହଣ କରିବା ସମୟରେ ଅଭିଭାବକଙ୍କ ମନସ୍ତାତ୍ତ୍ୱିକ ସ୍ଥିତି ବିଶ୍ଳେଷଣ କରାଯିବା ଅପରିହାର୍ଯ୍ୟ । ପିଲାର ଆବଶ୍ୟକତା ପୂରଣ କରିବା କ୍ଷେତ୍ରରେ ମା' ଓ ବାପାଙ୍କ ମଧ୍ୟରୁ କିଏ ଅଧିକ ଦକ୍ଷ ଓ ପରିପକ୍ୱ ତାହା ନିଶ୍ଚିତ କରାଯିବା ଆବଶ୍ୟକ । ସେଥିସହ ଏ କ୍ଷେତ୍ରରେ ପିଲାଟି ମା' କିମ୍ୱା ବାପା କାହା ପାଖରେ ରହିବାକୁ ଚାହୁଁଛି ସେ ନେଇ ମଧ ତା' ସହ ଆଲୋଚନା କରାଯିବା ଉଚିତ୍ । ଅଭିଭାବକତ୍ୱ ବିବାଦର ସମାଧାନ ସମୟରେ ପିଲା ସହ ମା', ବାପାଙ୍କ ମନସ୍ତାତ୍ତ୍ୱିକ ସ୍ଥିତି ବିଶ୍ଳେଷଣ ଅପରିହାର୍ଯ୍ୟ । ପିଲାର ମନସ୍ତାତ୍ତ୍ୱିକ ସ୍ଥିତିର ବିଶ୍ଳେଷଣ କରିବା ପୂର୍ବରୁ ମାତା, ପିତାଙ୍କ ମନସ୍ତାତ୍ତ୍ୱିକ ସ୍ଥିତିର ବିଶ୍ଳେଷଣ କରାଯିବା ଉଚିତ୍ ବୋଲି ଖଣ୍ଡପୀଠ ସ୍ପଷ୍ଟ କରି ଦେଇଛନ୍ତି ।

# ନିମ୍ନ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରୁନି ପୁଲିସ

# ହାଇକୋର୍ଟ କ୍ଷୁବ୍ଧ : ପଦକ୍ଷେପ ନେବାକୁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ

**କଟକ, ୧୪/୬**
**ନ୍ୟୁଜ ବ୍ୟୁରୋ**

ନିମ୍ନ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ସ୍ଥାନୀୟ ଥାନା ଅଧିକାରୀଙ୍କର । ଯଦି ଥାନା ଅଧିକାରୀ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ ନ କରନ୍ତି ତାହେଲେ ବାଧହୋଇ କ୍ଷତିଗ୍ରସ୍ତ ବ୍ୟକ୍ତି ବା ମହିଳାମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ । ଯାହାଦ୍ୱାରା ହାଇକୋର୍ଟଙ୍କ ଉପରେ ଅଯଥାରେ ମାମଲାର ପାହାଡ଼ ସୃଷ୍ଟି ହେବ । ନିମ୍ନ ଅଦାଲତଙ୍କ ଆଦେଶକୁ ସ୍ଥାନୀୟ ଥାନା ପକ୍ଷରୁ କାର୍ଯ୍ୟକାରୀ କରାଯାଉ ନାହିଁ । ପୁଲିସ ଅଧିକାରୀଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ନେଇ ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ପୁଲିସ ଡିଜିଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ କମିସନର ଏବଂ ଜିଲ୍ଲା ଏସ୍‌ପି ପ୍ରତ୍ୟେକ ଥାନା ଅଧିକାରୀଙ୍କୁ ନିମ୍ନ ଅଦାଲତଙ୍କ ଆଦେଶକୁ ଯେପରି କାର୍ଯ୍ୟକାରୀ କରାଯାଏ ତାହା ପୁଲିସ ଡିଜି ନିଶ୍ଚିତ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଯାହାଦ୍ୱାରା ହାଇକୋର୍ଟ ଉପରେ ଏଭଳି ମାମଲା ଆଉ ବୋଝ ହେବ ନାହିଁ । ଏହି ପରିପ୍ରେକ୍ଷୀରେ ପୁଲିସ ଡିଜି ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବେ ବୋଲି ହାଇକୋର୍ଟ ଆଶାବ୍ୟକ୍ତ କରିଛନ୍ତି । ନୟାଗଡ଼ ଜିଲ୍ଲା ରଣପୁର ଥାନା ଅଞ୍ଚଳର ଜଣେ ୬୫ବର୍ଷୀୟ ବୃଦ୍ଧା ସୁବାସିନୀ ଦେଈଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସାବିତ୍ରୀ ରଥ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ସୁବାସିନୀ ଦେଈ ଜଣେ ବ୍ୟକ୍ତିଙ୍କ ନିକଟରୁ ଜମି କିଣିବେ ବୋଲି ତାଙ୍କୁ ୨ ଲକ୍ଷ ୧୦ ହଜାର ଟଙ୍କା ଦେଇଥିଲେ । କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ନା ସୁବାସିନୀଙ୍କ ନାମରେ ଜମି କଲେ ନା ଅର୍ଥ ଫେରସ୍ତ କଲେ । ଫଳରେ ସୁବାସିନୀ ରଣପୁର ଥାନାରେ ଏନେଇ ଏଫ୍‌ଆଇଆର ରୁଜୁ କରିଥିଲେ । କିନ୍ତୁ ଏହାକୁ ପୁଲିସ ପଞ୍ଜୀକରଣ କରିନଥିଲା । ବାଧହୋଇ ସମ୍ପୃକ୍ତା ମହିଳା ପୁଲିସର ଏଭଳି ଅସହଯୋଗକୁ ନେଇ ସ୍ଥାନୀୟ ଜେଏମ୍ଏଫ୍‌ସିଙ୍କ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ । ଜେଏମ୍ଏଫ୍‌ସିଙ୍କ ଅଦାଲତ ରଣପୁର ଥାନାକୁ ବାରମ୍ୱାର ନୋଟିସ୍ କରିବା ସତ୍ତ୍ୱେ ସେ ଏହାର କୌଣସି ଜବାବ ରଖିନଥିଲେ । ଏପରିକି ଅଭିଯୁକ୍ତ ବିରୋଧରେ ଜେଏମ୍‌ଏଫ୍‌ସିଙ୍କ ଅଦାଲତ ପକ୍ଷରୁ ଏନ୍‌ବିଡବ୍ଲୁ ଜାରି କରାଯାଇଥିଲା । କିନ୍ତୁ ଏହି ଏନ୍‌ବିଡବ୍ଲୁକୁ ପୁଲିସ କାର୍ଯ୍ୟକାରୀ କରିନଥିଲା । ଫଳରେ ସୁବାସିନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ । ରାଜ୍ୟ ସରକାର ଜବାବ ଦାଖଲ କରି ଦର୍ଶାଇଥିଲେ ଯେ, ରଣପୁର ଥାନା ପକ୍ଷରୁ ଉକ୍ତ ମାମଲାକୁ ପଞ୍ଜୀକରଣ କରାଯାଇ ସାରିଛି । କିନ୍ତୁ କ'ଣ ପାଇଁ ନିମ୍ନ ଅଦାଲତଙ୍କ ଆଦେଶକୁ ରଣପୁର ଥାନା କାର୍ଯ୍ୟକାରୀ କରିନଥିଲା ଏବଂ ମାମଲା ଏତେ ବିଳମ୍ୱରେ କ'ଣ ପାଇଁ ପଞ୍ଜୀକରଣ କରାଗଲା ତାହା ଉପରେ ହାଇକୋର୍ଟ ରିପୋର୍ଟ ଲୋଡ଼ିଥିଲେ । ନିମ୍ନ ଅଦାଲତଙ୍କ ଆଦେଶ ମିଳୁ ନଥିବାରୁ ତାହାକୁ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ ବୋଲି ରଣପୁର ଥାନା ପକ୍ଷରୁ ଜବାବରେ କୁହାଯାଇଥିଲା । ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଜେଏମ୍‌ଏଫ୍‌ସିଙ୍କ ଆଦେଶର ପ୍ରାୟ ୮ ମାସ ପରେ ରଣପୁର ଥାନା ପକ୍ଷରୁ ମାମଲାକୁ ପଞ୍ଜୀକରଣ କରାଯାଇଛି । ଫାଇଲ୍ ହଜିଯାଉଥିବାରୁ ବା ପାଉ ନ ଥିବାରୁ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି ଯେଉଁ ଆଳ ପୁଲିସ ପକ୍ଷରୁ ନିଆଯାଇଛି ତାହାକୁ ହାଇକୋର୍ଟ ଗ୍ରହଣ କରିନାହାନ୍ତି । କେବଳ ଏହି ଗୋଟିଏ ମାମଲା ନୁହେଁ ପୁଲିସର ଏଭଳି ଅସହଯୋଗକୁ ନେଇ ଶହ ଶହ ମାମଲା ହାଇକୋର୍ଟକୁ ଆସୁଛି । ନିମ୍ନ ଅଦାଲତଙ୍କ ଆଦେଶ ସ୍ଥାନୀୟ ପୁଲିସ ଦ୍ୱାରା ଜାଣିଶୁଣି କାର୍ଯ୍ୟକାରୀ ହେଉ ନଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରି ପୁଲିସ ଡିଜିଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ଉମାକାନ୍ତ ସାହୁ ମାମଲା ପରିଚାଳନା କରୁଥିଲେ ।



# ଚାମେଲିଙ୍କ ଘଟଣା: ନବୀନ କହିଲେ ଗଣତନ୍ତ୍ର ରାଷ୍ଟ୍ରରେ ଏହା ଶୋଭନୀୟ ନୁହେଁ

**ଭୁବନେଶ୍ୱର, ୧୪/୦୬**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ହେବା ସହ ପୁଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିବାବେଳେ ଏହାକୁ ନେଇ ରାଜନୈତିକ ମାହୋଲ ସରଗରମ ହେବାରେ ଲାଗିଛି । ସେପଟେ ଏହି ଘଟଣାକୁ ନିନ୍ଦା କରିବା ସହ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଛନ୍ତି ଯେ, ଲୋକଙ୍କ ସ୍ୱର ଉଠାଇ ବିଜେପି ସରକାରରେ ଜଣେ ମହିଳା ସରପଞ୍ଚଙ୍କ ଉପରେ ହେଉଥିବା ଦମନଲୀଳାର ସାକ୍ଷୀ ରହୁଛି ଓଡ଼ିଶା । ମହାକାଳପଡ଼ା, ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ଉପରେ ସର୍ବସମ୍ମୁଖରେ ସରକାରୀ କାର୍ଯ୍ୟାଳୟ ଭିତରେ ହୋଇଥିବା ଅକଥନୀୟ ଅତ୍ୟାଚାର ଗଣତନ୍ତ୍ର ରାଷ୍ଟ୍ରରେ କଦାପି ଶୋଭନୀୟ ନୁହେଁ । ମହିଳା ସରପଞ୍ଚଙ୍କ ସ୍ୱର ଚାପିବା ପାଇଁ ବିଜେପି ସରକାର ସବୁ ସ୍ତରରେ କରୁଥିବା ହୀନ ଉଦ୍ୟମ ଜଳଜଳ ଦେଖାଯାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । 'ନାରୀ ଶକ୍ତି ବନ୍ଦନ' କହି ବଡ଼ ବଡ଼ କଥା କହୁଥିବା ବିଜେପିର ବାସ୍ତବରେ ଏହା କ'ଣ ନାରୀଙ୍କୁ ସମ୍ମାନ ? ବିଜେପି ସରକାରରେ ଜଣେ ମହିଳା ସରପଞ୍ଚ ନିଜ ପଞ୍ଚାୟତର ଦାବି ଉଠାଇ ଯଦି ଏପରି ସ୍ଥିତିର ସାମ୍ନା କରୁଛି ତେବେ ରାଜ୍ୟରେ ଅଗଣିତ ମହିଳାଙ୍କ ସ୍ଥିତି କ'ଣ ତାହା ସ୍ପଷ୍ଟ ଅନୁମେୟ । ବିଜେପି ନେତାମାନେ ବାରମ୍ୱାର ସରକାରୀ କାର୍ଯ୍ୟାଳୟରେ ପଶି ଘଟାଉଥିବା ଅଭାବନୀୟ କାଣ୍ଡ ସାରା ଓଡ଼ିଶା ଦେଖୁଛି । ସେମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ? ବିଜେପି ଶାସନରେ ଆଇନ କ'ଣ ଅଲଗା ଅଲଗା ? ଏହାସହ ଶ୍ରୀ ପଟ୍ଟନାୟକ ଲେଖିଛନ୍ତି ଯେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ହସ୍ତକ୍ଷେପ କରି ଗଣତନ୍ତ୍ରର ଗରିମା ଓ ମହିଳାଙ୍କ ସ୍ୱାଭିମାନର ସୁରକ୍ଷା ସୁନିଶ୍ଚିତ କରନ୍ତୁ ।



# ପହିଲି ରଜରେ ନନ୍ଦନକାନନରେ ଜମିଲା ଭିଡ଼ : ମଉଜ କଲେ ପର୍ଯ୍ୟଟକ




**ବାରଙ୍ଗ, ୧୪/୦୬**
**ନ୍ୟୁଜ ବ୍ୟୁରୋ**

ନନ୍ଦନକାନନରେ ରଜ ମଉଜ । ରବିବାର ପହିଲି ରଜ ପଡ଼ିଥିବାରୁ ମଉଜ କରିବା ଲାଗି ନନ୍ଦନକାନନକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଛି । କୁନି କୁନି ପିଲା ଓ କୁଆଁରୀ ଝିଅମାନେ ଦୋଳିରେ ଝୁଲି, ଖସଡ଼ା ଦୋଳିରେ ଖେଳି ମଜା ନେଉଛନ୍ତି । ନନ୍ଦନକାନନର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶ ମଧ୍ୟରେ ରହିଥିବା ବାଘ, ଭାଲୁ, ସିଂହ ପ୍ରଭୃତି ୧୫୯ ପ୍ରଜାତିର ୪ ହଜାର ପ୍ରାଣୀଙ୍କୁ ବୁଲି ଦେଖିବାର ମଜା ନେଇ ଖୁସି ହୋଇଛନ୍ତି ପର୍ଯ୍ୟଟକ । ସେପଟେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୪/୦୬/୨୦୨୬
୬,୬୪,୦୮୮/- ଟଙ୍କା
ସୁନା:- ୧୩ ଗ୍ରାମ୍ ୭୫୦ ମିଲିଗ୍ରାମ
ରୂପା:- ୧୨୫ଗ୍ରାମ୍ ୪୦୦ ମିଲିଗ୍ରାମ

## 'ହେରିଟେଜ୍ ପ୍ରପର୍ଟି' ପ୍ରମୋସନ ଗାଇଡଲାଇନ୍ସ

# ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ପୁରାତନ ଦୁର୍ଗ, ପ୍ରାସାଦ ଓ ଭବନ

**ଭୁବନେଶ୍ୱର, ୧୪/୦୬**
**ନ୍ୟୁଜ ବ୍ୟୁରୋ**

ରାଜ୍ୟର ପୁରାତନ ଐତିହ୍ୟ ସମ୍ପନ୍ନ ଭବନ, ପ୍ରାସାଦ, ଦୁର୍ଗ ଓ ସାଂସ୍କୃତିକ ଗୁରୁତ୍ୱବହନ କରୁଥିବା ସମ୍ପତ୍ତିଗୁଡ଼ିକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଓଡ଼ିଶା ପର୍ଯ୍ୟଟନ ସଂଶୋଧନ ନୀତି-୨୦୨୬ ଅଧୀନରେ ସରକାର 'ହେରିଟେଜ୍ ପ୍ରପର୍ଟି ପ୍ରମୋସନ୍ ଗାଇଡ୍ ଲାଇନ୍ସ-୨୦୨୬' ଜାରି କରିଛନ୍ତି । ନୂଆ ନୀତି ଅନୁଯାୟୀ, ୧୯୫୦ ମସିହା ପୂର୍ବରୁ ନିର୍ମିତ ଓ ସ୍ଥାପତ୍ୟ, ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ଭବନଗୁଡ଼ିକୁ 'ହେରିଟେଜ୍ ପ୍ରପର୍ଟି' ଭାବେ ବିବେଚନା କରାଯିବ । ଏହି ଶ୍ରେଣୀରେ ହେରିଟେଜ୍ ହୋଟେଲ, ହେରିଟେଜ୍ ମ୍ୟୁଜିୟମ, ହେରିଟେଜ୍ ରେଷ୍ଟୁରାଣ୍ଟ/କାଫେଟେରିଆ ଓ ହେରିଟେଜ୍ ବ୍ୟାଙ୍କ୍ୱେଟକୁ ସାମିଲ କରାଯାଇ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ହେରିଟେଜ୍ ହୋଟେଲ ପାଇଁ ସର୍ବନିମ୍ନ ୫ଟି ରହଣୀୟ କକ୍ଷ, ରେଷ୍ଟୁରାଣ୍ଟରେ ଏକକାଳୀନ ୩୦ ଜଣଙ୍କ ବସିବା ସୁବିଧା ଏବଂ ବ୍ୟାଙ୍କ୍ୱେଟ୍ ପାଇଁ ଅତିକମରେ ୨୦ ଜଣଙ୍କ କ୍ଷମତା ସହ ୫୦୦ ବର୍ଗଫୁଟ୍‌ର ନିର୍ମିତ କ୍ଷେତ୍ର ଥିବା ଅନିବାର୍ଯ୍ୟ । ଗାଇଡଲାଇନ୍ ଅନୁଯାୟୀ, ଇଚ୍ଛୁକ ହେରିଟେଜ୍ ପ୍ରପର୍ଟି ମାଲିକଙ୍କୁ ସଂପୃକ୍ତ ଭବନ ୧୯୫୦ ପୂର୍ବରୁ ନିର୍ମିତ ବୋଲି ରାଜସ୍ୱ ରେକର୍ଡ, ଐତିହାସିକ ଦଲିଲ, ଜିଲ୍ଲା ପ୍ରଶାସନ କିମ୍ୱା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ । ଏହାସହ ଅଗ୍ନି ସୁରକ୍ଷା ଅନୁପାଳନ ସହ ବିଦ୍ୟୁତ, ପାଣି ଓ ସ୍ୱଚ୍ଛତା ସୁବିଧା ଉପଲବ୍ଧ ଥିବା ଆବଶ୍ୟକ । ଭବନଗୁଡ଼ିକର ମରାମତି, ନବୀକରଣ ଓ ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ 'କ୍ୟାପିଟାଲ୍ ଇନଭେଷ୍ଟମେଣ୍ଟ ସବ୍‌ସିଡି' ପ୍ରଦାନ କରାଯିବ । ପର୍ଯ୍ୟଟନ ବିଭାଗ ଅନୁମୋଦିତ ସଂରକ୍ଷଣ ବିଶେଷଜ୍ଞଙ୍କ ଦ୍ୱାରା ପ୍ରକଳ୍ପର ପୂର୍ବ ମୂଲ୍ୟାଙ୍କନ କରାଯିବା ସହ ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓଗ୍ରାଫି ଆଧାରରେ ସବସିଡି ମଞ୍ଜୁର ହେବ । ଏହି ସମସ୍ତ କାର୍ଯ୍ୟ ମୂଳ ସ୍ଥାପତ୍ୟ ଶୈଳୀ ଓ ଚରିତ୍ରକୁ ଅକ୍ଷୁଣ୍ଣ ରଖି କରିବାକୁ ପଡ଼ିବ ।



# ବ୍ୟାଙ୍କ ଉପରେ ୬ମାସର କଟକଣା ଲଗାଇଲା ଆରବିଆଇ

**ନୂଆଦିଲ୍ଲୀ, ୧୪।୬**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗ୍ରାହକଙ୍କ ହିତକୁ ଦୃଷ୍ଟିରେ ରଖି ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଆରବିଆଇ ମୋଗାଭିରା ସମବାୟ ବ୍ୟାଙ୍କର ଆର୍ଥିକ ସ୍ଥିତିରେ ହ୍ରାସକୁ ଦେଖି ଏହା ଉପରେ ବହୁ କଟକଣା ଲଗାଇଛି । ଏହା ପ୍ରଥମ ଥର ନୁହେଁ ଯେତେବେଳେ ଆରବିଆଇ କୌଣସି ସହକାରୀ ବ୍ୟାଙ୍କ ଉପରେ କଟକଣା ଲଗାଇ ଦେଇଛି । ଏହା ପୂର୍ବରୁ ମଇରେ ମଧ ଏକ ସହକାରୀ ବ୍ୟାଙ୍କର ଲାଇସେନ୍ସ ରଦ୍ଦ କରି ଦିଆଯାଇଥିଲା ।

ବ୍ୟାଙ୍କ ଉପରେ ଅନେକ ସର୍ତ୍ତ ସହିତ ଛଅ ମାସର ପ୍ରତିବନ୍ଧକ ଲଗାଯାଇଛି । ବ୍ୟାଙ୍କର ଆର୍ଥିକ ସ୍ୱାସ୍ଥ୍ୟକୁ ଆଧାର କରି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହି ନିଷ୍ପତ୍ତି ନେଇଛି । ମୋଗାଭିରା ସମବାୟ ବ୍ୟାଙ୍କ ଉପରେ ଲାଗିଥିବା କଟକଣା ଅନୁସାରେ, ଖାତାଧାରୀଙ୍କ ପାଇଁ ଟଙ୍କା ବାହାର କରିବାର ସର୍ବାଧିକ ସୀମା ଏକ ଲକ୍ଷ ଟଙ୍କା ନିର୍ଦ୍ଧାରିତ କରାଯାଇଛି । ଏହି କଟକଣା ୧୨ ଜୁନ୍‌ରେ କାରବାର ବନ୍ଦ ହେବାପରେ ଲାଗୁ ହୋଇଛି, ଯାହାକି ୬ ମାସର ସମୟସୀମା ପାଇଁ ଜାରି ରହିବ । ତେବେ ଏହାର ସମୟ ସମୟରେ ସମୀକ୍ଷା କରାଯିବ ।

ଆରବିଆଇ କହିଛି, ସମବାୟ ବ୍ୟାଙ୍କ କୌଣସି ଋଣ ପ୍ରଦାନ କିମ୍ୱା ନବୀକରଣ କରିପାରିବ ନାହିଁ କିମ୍ୱା ଆଗୁଆ ଦେୟ ଦେଇପାରିବ ନାହିଁ, କୌଣସି ନିବେଶ କରିପାରିବ ନାହିଁ ଏବଂ ଟଙ୍କା ଋଣ ନେବା ଓ ନୂତନ ଜମା ଗ୍ରହଣ ସମେତ କୌଣସି ଦାୟିତ୍ୱ ବହନ କରିପାରିବ ନାହିଁ । କୌଣସି ଜମାକାରୀଙ୍କୁ ତାଙ୍କର ସେଭିଂ ଆକାଉଣ୍ଟ, ଚାଲୁ କିମ୍ୱା ଅନ୍ୟ କୌଣସି ଖାତାରୁ ସର୍ବାଧିକ ଏକ ଲକ୍ଷ ଟଙ୍କା କାଢିବାର ଅନୁମତି ଦିଆଯାଇଛି ।' ଆରବିଆଇ କହିଛି ବ୍ୟାଙ୍କର କାର୍ଯ୍ୟକାରିତାକୁ ଉନ୍ନତ କରିବା ପାଇଁ ବୋର୍ଡ ଏବଂ ବରିଷ୍ଠ ପରିଚାଳନା ସହିତ ଯୋଗାଯୋଗ ଜାରି ରଖିବ । ଆରବିଆଇ ଆହୁରି ଉଲ୍ଲେଖ କରିଛି ଯେ ବ୍ୟାଙ୍କ ଉପରେ ଆର୍ଥିକ ଚାପ ସମ୍ପର୍କିତ ଚିନ୍ତାକୁ ଦୂର କରିବା ଏବଂ ଏହାର ଜମାକାରୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଠୋସ୍ ପଦକ୍ଷେପର ଅଭାବ ଯୋଗୁଁ ଏହି ନିର୍ଦ୍ଦେଶାବଳୀ ଜାରି କରିବା ଆବଶ୍ୟକ ଥିଲା । ଏହି ନିର୍ଦ୍ଦେଶାବଳୀ ଜାରି କରିବା ଦ୍ୱାରା ଆରବିଆଇ ବ୍ୟାଙ୍କିଂ ଲାଇସେନ୍ସ କ୍ୟାନସେଲ୍ କରିଛି ତାହା ବୁଝିବା ଠିକ୍ ନୁହେଁ ।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ହଲ୍ ଅଭାବ ଯୋଗୁଁ ଆଗେଇ ପାରୁନି ଓଡ଼ିଆ ଫିଲ୍ମ : କଟକରେ ୧୨ରୁ ମାତ୍ର ୩ଟି ଚାଲୁଛି




**କଟକ, ୧୪/୦୬**
**ନ୍ୟୁଜ ବ୍ୟୁରୋ**

ରଜ ଆସିବା ମାସକ ପୂର୍ବରୁ ସାଙ୍ଗସାଥୀ ଓ ପରିବାର ବର୍ଗଙ୍କ ସହିତ ପ୍ରିୟ କଳାକାରଙ୍କ ସିନେମା ଦେଖିବା ପାଇଁ ଅପେକ୍ଷା କରିଥାନ୍ତି । ଦର୍ଶକଙ୍କ ଉତ୍ସାହକୁ ଦେଖି ପ୍ରଯୋଜକମାନେ ରଜ ସମୟରେ ୪/୫ଟି ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରି ଲୋକଙ୍କୁ ଭେଟି ଦେଉଥିଲେ । ହଲ୍‌ମାନଙ୍କରେ ହାଉସ୍‌ଫୁଲ୍ ରହୁଥିବାବେଳେ ବ୍ଲାକ୍ ଟିକେଟ କିଣି ଦର୍ଶକ ସିନେମା ଦେଖୁଥିଲେ । ଉତ୍‌ଥାନ ପତନ ଭିତରେ ଓଡ଼ିଆ ସିନେମା ଜଗତ ପୁଣି କଡ଼ ଲେଉଟାଇବା ଆରମ୍ଭ କରିଛି । ହଲ୍‌ରୁ ମୁହଁ ଫେରାଉଥିବା ଦର୍ଶକ ପୁଣି ହଲ୍ ମୁହାଁ ହୋଇଛନ୍ତି । ମାତ୍ର ଗତ କିଛି ବର୍ଷ ହେଲା ହଲ୍‌ର ଅଭାବ ଦର୍ଶକଙ୍କୁ ନିରାଶ କରିଛି ।

ଦିନଥିଲା କଟକ ସହରରେ ୧୨ରୁ ଅଧିକ ସିନେମା ହଲ୍ ମୁଣ୍ଡ ଟେକିଥିଲା । ଏବେ କିନ୍ତୁ ହଲ୍ ସଂଖ୍ୟା ୩ରେ ପହଞ୍ଚିଛି । ଏବର୍ଷ ରଜରେ ଅନୁଭବଙ୍କ 'ଛକିଶୂନ', ଅମ୍ଲାନଙ୍କ 'ଶିକାର' ଏବଂ ଅର୍ଦ୍ଧେନ୍ଦୁଙ୍କ 'ଡାଏରୀ' ଚଳଚ୍ଚିତ୍ର ରିଲିଜ୍ ହୋଇଛି । ଅଧିକ ହଲ୍ ନଥିବାରୁ ଫିଲ୍ମପ୍ରେମୀଙ୍କ ମଧ୍ୟରେ ନିରାଶାଭାବ ଦେଖିବାକୁ ମିଳିଛି । ସହରରେ ପ୍ରଥମେ ବକ୍ସିବଜାର ବାରପଥର ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ୍ ଭିତରେ 'ହଲମୁଖି ହଲ୍' ପ୍ରତିଷ୍ଠାଲାଭ କରିଥିଲା । ଏହାର କିଛି ବର୍ଷ ଭିତରେ ଚୌଧୁରୀ ବଜାରରେ ଜନ୍ମ ନେଲା 'ପାର୍ବତୀ ଟକିଜ୍' । ଚାଳଘର ଭିତରେ ଏକକ ପରଦାରେ ସିନେମା ପ୍ରଦର୍ଶିତ ହେବା ସହ ଲୋକଙ୍କ ମନୋରଞ୍ଜନର ମାଧ୍ୟମ ପାଲଟିଥିଲା । ସମୟ ବଦଳିବା ସହ କଟକ ସହରରେ ଗଢ଼ି ଉଠିଲା ୧୨ଟି ସିନେମା ହଲ୍ । ରାଣୀହାଟରେ ହିନ୍ଦ୍ ଟକିଜ୍, ଚାନ୍ଦିନୀଚୌକ୍‌ରେ ସୁରଜ୍, ବକ୍ସିବଜାରରେ ପ୍ରଭାତ ଓ ରାଜ ତରଙ୍ଗିଣୀ, ନୂଆବଜାରରେ ଜ୍ୟୋତି ଓ ଶ୍ରୀ ଲକ୍ଷ୍ମୀ, ତିନିକୋଣିଆ ବଗିଚାରେ କ୍ୟାପିଟାଲ୍ ହଲ୍ ନିର୍ମାଣ ହୋଇଥିଲା ।

ସେହିପରି ମହତାବ ରୋଡ୍‌ରେ ଗ୍ରାଣ୍ଡ, ସଂଗମ୍, ମଧୁପାଟଣାରେ ସମ୍ରାଟ୍, ଲିଙ୍କରୋଡ୍‌ରେ ନିଶାମଣି, ବାଦାମବାଡ଼ିରେ ଜୟଶ୍ରୀ, ଟାଉନ୍‌ହଲ୍ ରୋଡ୍‌ରେ ଦେବିଦୁର୍ଗା ଓ ବଜ୍ରକବାଟିରେ ବୃନ୍ଦାବନ ସିନେମା ହଲ୍ ଗଢ଼ି ଉଠିବା ସହ ଦର୍ଶକ ଭରପୂର ମନୋରଞ୍ଜନ ପାଇଥିଲେ । ଧୀରେ ଧୀରେ ଚଳଚ୍ଚିତ୍ର ସଂଖ୍ୟା କମିବା ସହ ଦର୍ଶକ ହଲ୍‌ମୁହାଁ ନହେବାରୁ ଫିଲ୍ମର ଚାହିଦା କମିବାରେ ଲାଗିଲା । ବ୍ୟବସାୟ ଭଲ ନହେବାରୁ ଅନେକ ମାଲିକ ହଲ୍ ବନ୍ଦ୍ କରିଦେଲେ । ଅନେକ ଘାତ ପ୍ରତିଘାତ ପରେ ପୁଣି ଓଡ଼ିଆ ସିନେମା ମୁଣ୍ଡ ଟେକିବା ଆରମ୍ଭ କରିଛି । 'ପ୍ରତୀକ୍ଷା', 'ଦମନ' ଓ 'ବୋଉ ବୁଟୁ ଭୂତ' ପରି ଚଳଚ୍ଚିତ୍ର ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି ।

ଏବେ ବର୍ଷକୁ ୩୫ରୁ ଅଧିକ ସିନେମା ନିର୍ମାଣ ହେଉଥିବା ବେଳେ କଟକରେ ସଙ୍ଗମ୍, ବୃନ୍ଦାବନ ଓ ଆଇନକ୍ସ୍‌ରେ ଦର୍ଶକ ଫିଲ୍ମ ଦେଖୁଛନ୍ତି । ଏ ସଂପର୍କରେ ଅଭିନେତା କୁନା ତ୍ରିପାଠୀ କହିଛନ୍ତି, ସୋସିଆଲ୍ ମିଡିଆ ଆସିବା ପରେ ଦର୍ଶକମାନେ କପି ସିନେମା ସଂପର୍କରେ ଜାଣିଥିଲେ । ଏହାପରେ ଧୀରେ ଧୀରେ ହଲ୍ ଯିବା ବନ୍ଦ କରିଦେଲେ । ଫଳରେ ଦର୍ଶକଙ୍କର ଓଡ଼ିଆ ସିନେମା ପ୍ରତି ଥିବା ଭଲ ପାଇବା କମିକମି ଗଲା । ଏବେ ନୂଆ ନୂଆ ଧରଣର ଚଳଚ୍ଚିତ୍ର ନିର୍ମାଣ ହେଲାଣି । ଯାହା ଫଳରେ ଦର୍ଶକ ପୁଣି ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଭଲ ପାଇବା ଆରମ୍ଭ କରିଛନ୍ତି । ସେହିପରି ପ୍ରଯୋଜକ ବାପୁ ଲେଙ୍କା କହିଛନ୍ତି, ପୂର୍ବ ସରକାର ପ୍ରତିଶ୍ରୁତି ଦେଇଥିଲେ ଓଡ଼ିଆ ଚଳଚ୍ଚିତ୍ର ନୀତି ପ୍ରଣୟନ ହେବ ଏବଂ ପ୍ରତି ବ୍ଲକ୍‌ରେ ସିଙ୍ଗିଲ୍ ସ୍କ୍ରିନ୍ ସିନେମା ହଲ୍ ତିଆରି ହେବ । କିଛି ବ୍ଲକ୍‌ରେ ଏହି ନୀତି କାର୍ଯ୍ୟକାରୀ ହୋଇଥିବା ବେଳେ ଆଗକୁ କିଭଳି ସବୁଠି ପ୍ରଣୟନ ହେବ ସେଦିଗରେ ସରକାର ଦୃଷ୍ଟି ଦିଅନ୍ତୁ । ସେହିପରି ସହରରେ ଅଧିକ ସିନେମା ହଲ୍ ନଥିବାରୁ ଅଳ୍ପ କିଛିଦିନ ଫିଲ୍ମ ହଲ୍‌ରେ ଚାଲିବା ପରେ ଉଠି ଯାଉଛି ।